



## ଚୌଦ୍ୱାର ଥାନାଞ୍ଚଳରେ ଶୋଭାଯାତ୍ରା ପାଇଁ ନକଲି ଅନୁମତିପତ୍ର

# ଡିସିପିଙ୍କ ଜାଲ୍ ଦସ୍ତଖତ କରି ଯୁବକ ଗିରଫ

ଚୌଦ୍ୱାର,୨୯ ।୪(ସମିସ):



ଚୌଦ୍ୱାର ଥାନା ଅଞ୍ଚଳରେ ବିଭିନ୍ନ ଶୋଭାଯାତ୍ରା ନିମନ୍ତେ ଡିସିପିଙ୍କ ଅନୁମତିର ଆବଶ୍ୟକତା ଥିବା ବେଳେ ଜଣେ ବ୍ୟକ୍ତି ଡିସିପିଙ୍କ ଜାଲ୍ ଦସ୍ତଖତ କରି ନକଲି ଅନୁମତିପତ୍ର ପ୍ରଦାନ କରି ଗିରଫ ହୋଇଛି। ଏଭଳି ବେଆଇନ କାର୍ଯ୍ୟରେ ଏକ ର୍ୟାକେଟ୍ କାମ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୁକ୍ତ ଜଣକ ଚୌଦ୍ୱାର କମିସନରେଟ ଥାନାର ଇନ୍‌ଫର୍ମର ଭାବେ କାର୍ଯ୍ୟ କରିବା ଚର୍ଚ୍ଚା ହେଉଥିବା ବେଳେ ଏଭଳି କାର୍ଯ୍ୟରେ ସାମିଲ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ କଲୋନୀ ୮ନମ୍ବର ୱାର୍ଡର ଶ୍ରୀଧର ରାଉତ ଓରଫ ବାଇଆ ନିଜକୁ ଚୌଦ୍ୱାର ଥାନାର ଜଣେ ଷ୍ଟାଫ୍ ବୋଲି ପରିଚୟ ଦେଇ ନିଜର ପତିଆରା ଜାହିର କରିଥାଏ। ଏପରିକି ଚୌଦ୍ୱାର ଥାନାର କିଛି କର୍ମଚାରୀଙ୍କ ସହ ବୁଲାବୁଲି କରିବା ସହ ଫେସବୁକରେ ପୁଲିସ ସହ ଫଟୋ ସେୟାର କରି ନିଜକୁ ପୁଲିସ ବୋଲି ପରିଚୟ ଦେଇଥାଏ। ଯାହାଦ୍ୱାରା ସାଧାରଣ ଲୋକଟିଏ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମ ପାଇଁ ଡିସିପି ଅନୁମତି ନିମନ୍ତେ ତାକୁ ଭରସା କରିଥାନ୍ତି। ଏହାର ସୁଯୋଗ ନେଇ ବାଇଆ ଲୋକଙ୍କଠାରୁ ଅର୍ଥ ଆଦାୟ କରି ଡିସିପିଙ୍କ ଜାଲ୍ ଦସ୍ତଖତରେ ଅନୁମତିପତ୍ର ବାହାର କରି ଦେଇଥାଏ। ଏପରିକି ଗତ ୨୭ ତାରିଖ ଚୌଦ୍ୱାର ଓଟିଏମ କଲୋନୀରେ ଏକ ବିବାହ ପାଇଁ ବରାନୁଗମନ ଓ ରୋଶଣି ନିମନ୍ତେ ତାଙ୍କୁ ଏକ ନକଲି ଅନୁମତିପତ୍ର ପ୍ରଦାନ କରାଯାଇଥିଲା। ଏହି ରୋଶଣିରେ ଉଚ୍ଚ ଶବ୍ଦରେ ଡିଜେ ବାଜୁଥିବାରୁ ଲୋକେ ଅତିଷ୍ଠ ହୋଇ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କୁ ଫୋନ୍ ଯୋଗେ ଅଭିଯୋଗ କରିଥିଲେ। ଆଇଆଇସି ନିଜେ ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ ଉକ୍ତ ରୋଶଣି ପାଇଁ ଯେଉଁ ଅନୁମତିପତ୍ର ରହିଛି ତାହା ନକଲି। ଏହାପରେ ଆଇଆଇସି ଆଶ୍ଚର୍ଯ୍ୟ ହେବା ସହ ନିଜେ ଏହାର ଖୋଳତାଡ଼ କରିଥିଲେ। ଅତୀତରେ ଏଭଳି ଅନେକ ନକଲି ଅନୁମତିପତ୍ର ପ୍ରଦାନ କରାଯାଇଥିବା ଆଇଆଇସି ଶ୍ରୀ ଦାସ ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ କେସ୍ ନମ୍ବର ୨୮୩/୨୦୨୬ ବିଏନ୍‌ଏସ୍ ଦଫା ୩୧୮(୪), ୩୩୬(୩), ୩୪୦ (୨) ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବାଇଆକୁ ଗିରଫ କରାଯାଇଛି। ଏହାପରେ ଆଜି ତାକୁ କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍ ହାଜତକୁ ପଠାଯାଇଛି। ତେବେ ଯେଉଁଠାରେ ଡିସିପିଙ୍କ ଜାଲ୍ ଦସ୍ତଖତ କରାଯାଇ ଅନୁମତିପତ୍ର ପ୍ରସ୍ତୁତ କରାଯାଉଥିଲା ସେଠାରେ ଚଢ଼ଉ କରାଯାଇ କମ୍ପ୍ୟୁଟର ହାର୍ଡଡିସ୍କ ସହ ଆନୁଷଙ୍ଗିକ ଉପକରଣ ଜବତ କରାଯାଇ ତଦନ୍ତ ଜାରି ରହିଛି।

■ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

# ସୁରକ୍ଷା ଦାୟିତ୍ୱରେ ୧୦୦ ଅଧିକାରୀ, ୩୨ ପ୍ଲାଟୁନ ଫୋର୍ସ





ଭୁବନେଶ୍ୱର,୨୯।୪(ସମିସ): ଗୁରୁବାର ସପ୍ତଦଶ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଅଧିବେଶନକୁ ଆଖି ଆଗରେ ରଖି କମିସନରେଟ ପୁଲିସ ପକ୍ଷରୁ ବିଧାନସଭା ଭିତରେ ଓ ବାହାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବୁଧବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଓ ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ଜଣେ ଡିସିପି, ୭ ଅତିରିକ୍ତ ଡିସିପି, ୨୨ ଏସିପି, ୨୭ ଇନ୍ସପେକ୍ଟର, ୯ ୯ ଏସ୍‌ଆଇ ଓ ଏଏସ୍‌ଆଇ, ୮୬ ମହିଳା ପୁଲିସଙ୍କୁ ମିଶାଇ ୧୦୦ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

### ଏସ୍‌ଟିଏଫ୍‌ ଓ କୁଇକ୍ ରେସ୍‌ପନ୍ସ ଦଳ ମୁତୟନ

ମୋଟ ୩୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁଲିସ କମିସନର ଡଃ ସିଂ ସୂଚନା ଦେଇଛନ୍ତି। ବିଧାନସଭା ଭିତରେ ଓ ବାହାରେ ୧୧ଟି କୁଇକ୍ ରେସ୍‌ପନ୍ସ ଦଳ, ସ୍ପେଶାଲ ଟ୍ରାକ୍ଟିକାଲ ୟୁନିଟ୍, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଅଗ୍ନିଶମ କର୍ମଚାରୀଙ୍କୁ ମୁତୟନ କରିବାକୁ ବ୍ୟବସ୍ଥା ହୋଇଛି। ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସିସିଟିଭି ଲଗାଯାଇଛି। ନିୟନ୍ତ୍ରଣ କକ୍ଷରୁ ସିସିଟିଭି ଦ୍ୱାରା ପ୍ରତିଟି ଗତିବିଧି ଉପରେ ନଜର ରହିବ। ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନ ରହିବ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆତ୍ମାହୁତି ରୋକିବା ଲାଗି କ୍ୟାପିଟାଲ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି।

# କ୍ଷେତମଜଦୁର ୟୁନିୟନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର, ୨୯ ।୪(ସମିସ): ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ)ର ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅସଂଗଠିତ କ୍ଷେତ୍ରରେ ଥିବା କୃଷି ଶ୍ରମିକ ଓ ଗ୍ରାମ୍ୟ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ବ୍ୟାପକ ଭାବରେ ସଙ୍ଗଠିତ କରିବା ସହ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପୁର୍ନବାର କରି ଗ୍ରାମାଞ୍ଚଳର କୃଷି ଓ ଅସଙ୍ଗଠିତ ଶ୍ରମିକଙ୍କୁ ବାର୍ଷିକ ୨୦୦ ଦିନର କାମ, କାମ ଦେଇ ନ ପାରିଲେ ବେରୋଜଗାରୀ ଭତ୍ତା, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଦୈନିକ ସର୍ବନିମ୍ନ ମଜୁରୀ ୭୦୦ଟଙ୍କା, ୬୦ ବର୍ଷ ବୟସର ପ୍ରତ୍ୟେକ କ୍ଷେତ ମଜଦୁରଙ୍କୁ ମାସିକ ୫୦୦୦ ଟଙ୍କାର ବାର୍ଷିକ ଭତ୍ତା, ଭୂମିହୀନଙ୍କୁ ଜମି ଓ ଗୃହହୀନଙ୍କୁ ଆବାସ ଯୋଜନାରେ ଗୃହ ସମେତ, ଦରଦାମ୍ ବୃଦ୍ଧି ବନ୍ଦ କର ଦାବିରେ ଗ୍ରାମପଞ୍ଚାୟତ ସ୍ତରରେ ଆସନ୍ତା ୧ ତାରିଖରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯିବ। ଆସନ୍ତା ୨ରୁ ୩୧ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଗ୍ରାମ ପଞ୍ଚାୟତ ସ୍ତରରେ ଉକ୍ତ ଦାବି ନେଇ ଆନ୍ଦୋଳନ କରାଯିବ ଓ ଦାବିପତ୍ର ଉପସ୍ଥାପନ କରାଯିବ। ଆସନ୍ତା ଜୁନ ମାସରେ ରାଜ୍ୟସ୍ତରୀୟ କନ୍‌ଭେନସନ ଅନୁଷ୍ଠିତ ହେବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ଏହି ବୈଠକକୁ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ଘାଟନ କରି ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଶକ୍ତିଶାଳୀ କରାଇବାକୁ ଆହ୍ୱାନ ଦେଇଥିଲେ। ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା ଉପରୋକ୍ତ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବିକେଏମ୍‌ୟୁର ଜାତୀୟ ପରିଷଦ ସଦସ୍ୟ ରଘୁନାଥ ଗୌଡ଼, ତ୍ରୈଲୋକ୍ୟ ନାଥ ଓ ଶଙ୍କର ବାରିକ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆରଟିଇ ମେଧା ତାଲିକାରେ ୧୦,୧୨୦ ଛାତ୍ରଛାତ୍ରୀ

ଭୁବନେଶ୍ୱର ୨୯ ।୪ (ସମିସ): ଶିକ୍ଷା ଅଧିକାର ଆଇନ (ଆରଟିଇ) ଅଧୀନରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ବେସରକାରୀ ବିଦ୍ୟାଳୟରେ ମାଗଣା ପଢିବା ପାଇଁ ମୋଟ ୧୦,୧୨୦ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ ୩୦ ତାରିଖ ଠାରୁ ମେ' ୧୮ ମଧ୍ୟରେ ଏହି ପିଲାମାନେ ନାମଲେଖାଇ ପାରିବେ ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପର୍ଯ୍ୟାୟରେ ମୋଟ ୨୦,୩୭୭ଟି ଆବେଦନ ହୋଇଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀମାନେ ପ୍ରମାଣପତ୍ର ଯାଞ୍ଚ କରି ୧୫,୬୨୪ଟି ଆବେଦନକୁ ଯୋଗ୍ୟ ବିବେଚନା କରିଥିଲେ। ତନ୍ମଧ୍ୟରୁ କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୧୦,୧୨୦ ଜଣ ପିଲାଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ଏହି ତାଲିକା ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟକୁ ପ୍ରଦାନ କରିବା ପରେ ଆସନ୍ତାକାଲି ଠାରୁ ନାମଲେଖା ଆରମ୍ଭ ହେବ। ସେହିପରି ନାମଲେଖା ସମ୍ପର୍କରେ ଅଧିକ ସୂଚନା ଦେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ ଏହି ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ। ଅଭିଭାବକମାନେ ହେଲ୍‌ପଲାଇନ୍ ନଂ.୧୮୦୦୩୪୫୬୭୨୨ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ସୂଚନା ଦେଇଛନ୍ତି।



# ସଙ୍ଗୀତ ମହାବିଦ୍ୟାଳୟରେ 'ବିଶ୍ୱ ନୃତ୍ୟ ଦିବସ'

ଭୁବନେଶ୍ୱର,୨୯।୪(ସମିସ): ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏବଂ ସଂସ୍କୃତି ବିଭାଗ ଆନୁକୂଲ୍ୟରେ 'ବିଶ୍ୱ ନୃତ୍ୟ ଦିବସ' ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗୁରୁ ବିଜୟ କୁମାର ଜେନା, ଅଧ୍ୟାପକ ଡ. ଗୁରୁ ନିମାକାନ୍ତ ରାଉତରାୟ, ଅଧ୍ୟାପକ ଗୁରୁ ଚନ୍ଦନ ଜେନା, ଗୁରୁ ଡ. ଦିବ୍ୟ ଦର୍ଶନ ବିଶ୍ୱାଳ, ମହାବିଦ୍ୟାଳୟ ପୂର୍ବତନ ମର୍ଦ୍ଦଳ ବାଦକ ଗୁରୁ ବିଭୁତି ଭୁଷଣ ବଳବନ୍ତରାୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମରେ ପ୍ରଥମେ ଓଡ଼ିଶୀ ଦଳଗତ ନୃତ୍ୟ ଗଣେଶ ଦେବ ପରିବେଷଣ କରାଯାଇଥିଲା। ପରେ ପରେ ଦୈତ୍ୟ ନୃତ୍ୟ ସଞ୍ଜନା ଗୌଡ଼, ସଂପୂର୍ଣ୍ଣା ଇନ୍ଦୁ ପାଣି ଦ୍ୱାରା ଗାନ୍ଧାରୀ ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ। ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଲିଙ୍ଗରାଜ ପ୍ରଧାନ, ଗୁରୁ ପଙ୍କଜ କୁମାର ପ୍ରଧାନ, ନିର୍ଦ୍ଦେଶନା ଓ ପରିଚାଳନା ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜାନଭୀ ବେହେରା।

# ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ 'ବିଶ୍ୱ ନୃତ୍ୟ ଦିବସ'



ଭୁବନେଶ୍ୱର,୨୯।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ "ବିଶ୍ୱ ନୃତ୍ୟ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ କସ୍ତୁରୀ ପଟ୍ଟନାୟକ, ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ର ପ୍ରମୁଖ ଓଡ଼ିଶୀ ନୃତ୍ୟର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଗୁରୁ ପୁଷ୍ପିତା ମିଶ୍ର, ଗୁରୁ ଡ. ଦୀପ୍ତି ରାଉତରାୟ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାସହ ଅନ୍ୟ ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ, ଘୁମୁରା, ପଶୁମୁଖା, ଢେମ୍‌ସା ଆଦି ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଗୋଟିପୁଅ ନୃତ୍ୟଗୁରୁ ଭାଗିରଥୀ ମହାପାତ୍ର ଓ ଗୁରୁ ଲିଙ୍ଗରାଜ ବାରିକଙ୍କୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସଚବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ,ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୨୯।୪(ସମିସ): ଶିକ୍ଷା କ୍ଷେତ୍ରରେ ଭୁବନେଶ୍ୱର ଆଜି ଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ପୁରୁଣା ଦିନକୁ ମନେ ପକାଇଲେ ରାଜଧାନୀରେ ମାତ୍ର ହାତ ଗଣତି ଶିକ୍ଷାନୁଷ୍ଠାନ ରହିଥିଲା। ଯାହାର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ଅଧିକ ରହିଥିଲା। ଯେଉଁଥିରେ ରାଜଧାନୀର ଏକ ପୁରୁଣା ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏକ ପାଶ୍ୱର୍ର ଫଟୋ ପରିଲକ୍ଷିତ ହୋଇଛି। ଏହି ଫଟୋଟି ୫୦ ବର୍ଷ ପୁରୁଣା ବୋଲି ଜଣାପଡିଛି। ତେବେ ଦୀର୍ଘବର୍ଷ ମଧ୍ୟରେ ଏହି ମହାବିଦ୍ୟାଳୟରୁ ହଜାର ହଜାର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ଜାତୀୟ ସ୍ତରରେ ତଥା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ପ୍ରତିଷ୍ଠା ହାସଲ କରିପାରିଛନ୍ତି। ତେବେ ମହାବିଦ୍ୟାଳୟର ଏକ ପୁରୁଣା ଫଟୋ ଏବେ ଭାଇରାଲ ହେଉଛି। କେହି କେହି ଏହା ମହାବିଦ୍ୟାଳୟର କଳା ବିଭାଗ ପାଶ୍ୱର୍ର ଫଟୋ ବୋଲି ମତ ଦେଉଛନ୍ତି। ଯେଉଁଥିରେ ସେ ସମୟର ବହୁଳ ଭାବେ ବ୍ୟବହାର ହେଉଥିବା ଦୁଇଟି କାର, ଏକ ରିକ୍ସା ଏବଂ କିଛି ସାଇକେଲ କଲେଜ ନିକଟରେ ଦେଖିବାକୁ ମିଳୁଛି। ସେ ସମୟରେ ଆଜି ଭଳି ପିଲାଙ୍କ ପାଖରେ ଗାଡି ନ ଥିଲା ବରଂ ସାଇକେଲ ଯୋଗେ ଯିବା ଆସିବା କରୁଥିଲେ। ସେ ପୁଣି ହାତ ଗଣତିରେ କିଛି ଜଣଙ୍କ ପାଖରେ ସାଇକେଲ ରହୁଥିଲା।

## ଖରା ସାଙ୍ଗକୁ ବଢ଼ିଲା ବେପାର

# ଛକ ଛକରେ ଖୋଲିଲା ମାଟି ପାତ୍ରର ସମ୍ଭାର

ଭୁବନେଶ୍ୱର,୨୯।୪(ସମିସ):



ଦିନ ବଢିବା ସହ ତାତିର ତାଉ ମଧ୍ୟ ବଢିବାରେ ଲାଗିଛି। ଖରାକୁ ଦୃଷ୍ଟିରେ ରଖି ଖରାଦିନରେ ବ୍ୟବହୃତ ଉପକରଣଠୁ ଆରମ୍ଭକରି ଥଣ୍ଡା ପାନୀୟର ଆସର ରାସ୍ତାକଡରେ ମେଳିବାର ଦେଖିବାକୁ ମିଳୁଛି। ସେହିଭଳି ଖରାପାଇଁ ଏବେ ଛକ ଛକରେ ମାଟି ପାତ୍ର ବିକ୍ରି ପାଇଁ ବେପାରୀ ଆସର ଜମେଇଛନ୍ତି। ଏହି ସମୟରେ ବ୍ୟବହୃତ ମାଟିପାତ୍ରର ମଧ୍ୟ ଚାହିଦା ପରିଲକ୍ଷିତ ହେଉଛି।

ଏବେ ରାଜଧାନୀର ବିଭିନ୍ନ ଛକ ତଥା ଖଣ୍ଡଗିରି, ଜାଗମରା, ସିଆରପିଏଫ ଛକ, କଳ୍ପନା ଛକ , ରାଜମହଲ ଛକ ଆଦି ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ଏହି ମାଟିପାତ୍ର ବା ମାଟିର କଳସୀ, ଫିଲଟର, ପାଣି ବୋତଲ, ଗ୍ଲାସ ଏବଂ ମାଟିର ଫ୍ରିଜ୍ ଆଦି ବ୍ୟବହାର ଖରାଦିନରେ ହେଉଥିବା ସମସ୍ତ ଉପକରଣ ଆବଶ୍ୟକତା ଅନୁଯାୟୀ ବିକ୍ରି ହେଉଛି। ଖରାଦିନ ପାଇଁ ବିଶେଷକରି ଏହି ମାଟିର କଳସୀ ଯାହାର ମୂଲ୍ୟ ୮୦, ଫିଲଟରର ଆକାର ଓ ଉଚ୍ଚତା ଅନୁଯାୟୀ ୨୨୦, ୨୬୦ ଓ ୩୦୦, ଗ୍ଲାସ ୫୦ ଓ ପାଣିବୋତଲର ମୂଲ୍ୟ ୧୨୦ ଟଙ୍କା ରହିଛି। ଖରାଦିନ ଯୋଗୁ ଏସବୁ ଅଧୀକା ବିକ୍ରି ହେଉଥିବାର ପରିଲକ୍ଷିତ ହେଉଛି। ଏହାକୁ ବିକ୍ରି କରୁଥିବା ନିଲ କମଲ ମଣ୍ଡଲ କୁହନ୍ତି, କଲିକାତାରୁ ଆସି ଏହି ବ୍ୟବସାୟ ୧୭ ବର୍ଷ ଧରି ଓଡିଶାରେ କରି ଆସୁଛନ୍ତି। ତାଙ୍କ କହିବା ଅନୁଯାୟୀ ଏସବୁ ମାଟିର ଜିନିଷ ସିଲିଗୁଡି, ବିଧାନ ନଗର, ଦାର୍ଜେଲିଙ୍ଗ ଭଳି ସ୍ଥାନରୁ ଓଡିଶାକୁ ଆଣି ବିକ୍ରି କରାଯାଉଛି। ଏପରି ଡିଜାଇନ ଓଡିଶାର କୁମ୍ଭାର ମାନେ ଚରୁନଥିବାବେଳେ ଲୋକଙ୍କୁ ବାହାରୁ ଆସୁଥିବା ମାଟିପାତ୍ର ବେଶୀ ପସନ୍ଦ ଆସିବା ସହ ବେଶୀ ବିକ୍ରି ମଧ୍ୟ ହେଉଛି। ଏହା ସହିତ ଏସବୁ ମାଟି ପାତ୍ର ଓଡିଶାରେ ହେଉଥିବା ମାଟିର ପାତ୍ରଠୁ ଅଧୀକ ଦିନ ନଭାଙ୍ଗି ରହୁଛି ବୋଲି ଜଣେ ଗ୍ରାହକ କିଣିଲାବେଳେ ମତ ଦେଇଛନ୍ତି।

### ଖରାରେ ଖୋଜା ପଡୁଛି ବେଣାଚେର



ରାଜଧାନୀର ରାସ୍ତା କଡ଼ରେ ଏବେ ବେଣାଚେରର ବିକ୍ରି ଆରମ୍ଭ ହୋଇଛି। ହୁଏତ ବେଣାଚେର ବିଷୟରେ ସମସ୍ତେ ଅବଗତ ନଥିବେ। ଏହା ସାଧାରଣତଃ ଖରାଦିନରେ ବ୍ୟବହାର କରାଯାଏ। ଘରେ ଥଣ୍ଡା ପରିବେଶ ବା ବାହାରର ଗରମ ପବନ ଘର ଭିତରକୁ ନଆସିବା ସହ ଘରକୁ ଥଣ୍ଡା ରଖିଥାଏ। ଏହି ବେଣାଚେର ବେଣାରୁ ତିଆରି ହୋଇଥାଏ। ଏହା ଗୋଟେ ସ୍କୋୟାର ଫୁଟ୍‌କୁ ୮୦ଟଙ୍କା ହିସାବରେ ବିକ୍ରି କରାଯାଇଥାଏ। ଏହାକୁ ତିଆରି କରି ରାଜଧାନୀ ରାସ୍ତା କଡର ବିକ୍ରି କରୁଥିବା ଚାପା ରାଓ କୁହନ୍ତି, ସେ ପିଲା ଦିନରୁ ଏହି ବେଣାଚେର ବୁଣିବା ତାଙ୍କ ବାପାଙ୍କଠୁ ଶିଖି ତିଆରି କରିବା ଆରମ୍ଭ କରିଥିଲେ। ଏବେ ଖରା ବଢିବାରୁ ଲୋକ ଏସି, କୁଲର ବଦଳରେ ଘର ଦୁଆରେ ଏହାକୁ ଲଗାଇବା ପାଇଁ ଖୋଜି କିଣୁଛନ୍ତି। ହେଲେ ଏବେ ଘରେ ଘରେ ଏସି ଓ କୁଲର ଲାଗିବାରୁ ଏହାକୁ ନେବା ପାଇଁ ଆଗ ଅପେକ୍ଷା ଗ୍ରାହକଙ୍କ ସଂଖ୍ୟା କିଛିଟା କମିଗଲାଣି। ତଥାବି ବୁଣିବା ସେ ବନ୍ଦ କରି ନାହାନ୍ତି। ଏପ୍ରିଲ ଆରମ୍ଭରୁ ଧୀରେ ଧୀରେ ଲୋକ ଏହାକୁ କିଣିବା ଆରମ୍ଭ କଲେଣି। ଗୋଟେ ଦିନରେ ସେ ୩ ରୁ ୪ଟି ବେଣାଚେର ତିଆରି କରୁଛନ୍ତି।



## ବ୍ୟକ୍ତିଗତ ଶତ୍ରୁତା ପାଇଁ ଆଇନର ଅପବ୍ୟବହାର

# କୋର୍ଟରେ ଅପଦସ୍ତ ହେଉଛି କମିସନରେଟ୍ ପୁଲିସ




**ସଠିକ୍ ତଦନ୍ତ ବିନା ଗିରଫଦାରୀ**

**ପ୍ରମାଣିତ ହୋଇପାରୁନି ଅପରାଧ**

ଭୁବନେଶ୍ୱର, ୨୯।୪ (ସମିସ): ରାଜଧାନୀରେ ନାବାଳିକା ଓ ମହିଳାଜନିତ ଅପରାଧ ହାର ବଢ଼ିବାରେ ଲାଗିଛି। ପ୍ରତିଦିନ କିଛି ନା କିଛି ମହିଳା ବିରୋଧୀ ଅପରାଧ ସାମ୍ନାକୁ ଆସୁଛି। କେତେକ ଘଟଣା ସତ ହୋଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଶତ୍ରୁତା ଲାଗି ଆଇନର ଅପବ୍ୟବହାର କରାଯାଉଛି। ଭୁବନେଶ୍ୱର ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦେଇଥିବା ଏକ ମାମଲାର ରାୟରୁ ଏଭଳି କଥା ସ୍ପଷ୍ଟ ହୋଇଛି। ନାବାଳିକା ଜଣକ ଭୁଲ୍ ବୁଝାମଣା ପାଇଁ ଏଫ୍‌ଆଇଆର୍ ଦେଇଥିବା ବୟାନ ଦେବାପରେ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏପରି କ୍ଷେତ୍ରରେ ରାଜ୍ୟର ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସର ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସାରା ରାଜ୍ୟରେ ବିଭିନ୍ନ ପୋକ୍ସୋ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଉଛନ୍ତି, ହେଲେ ରାଜଧାନୀରେ ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇ ଯାଉଛନ୍ତି। ଗିରଫ ପୂର୍ବରୁ ସଠିକ୍ ତଦନ୍ତ କରାଯାଉ ନ ଥିବାରୁ କମିସନରେଟ ପୁଲିସ କୋର୍ଟରେ ଅପଦସ୍ତ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଜଣେ ୪ ବର୍ଷୀୟା ନାବାଳିକା ତାଙ୍କ ମାଆଙ୍କ ସହ ୟୁନିଟ୍ ୬ ଅଞ୍ଚଳରେ ରହୁଥିବା ବେଳେ ତାଙ୍କ ଦୂର ସମ୍ପର୍କୀୟ ଅଜୟ (ଛଦ୍ମନାମ) ଅନେକ ସମୟରେ ଘରକୁ ଯିବାଆସିବା କରନ୍ତି। ୨୦୨୩ ମସିହା ସେପ୍ଟେମ୍ବର ୨୬ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଟ୍ୟୁସନରୁ ଫେରି ଘରେ ଥିବାବେଳେ ଅଜୟ ତାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ଅର୍ଥାତ୍ ଅକ୍ଟୋବର ୧ ତାରିଖ ଦିନ ମଧ୍ୟ ଅଜୟ ଅସଦାଚରଣ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏନେଇ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ -୧୬୦/୨୩ ରେ ୩୫୪(ଏ), ୩୫୪(ବି), ୩୨୩ ଆଇପିସି ଓ ପୋକ୍ସୋ ଆଇନ ଧାରା ୧୨ରେ ମାମଲା ରୁଜୁ କରିଥିଲା। ସିଆରପିସି ଧାରା ୧୬୪ ଅନୁସାରେ, କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣାର ତଦନ୍ତକାରୀ ଅଧିକାରିଣୀ ତଥା ତତ୍କାଳୀନ ମହିଳା ସବ୍ ଇନ୍ସପେକ୍ଟର ଘଟଣାର ଅଭିଯୁକ୍ତ ଅଜୟଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଚାର୍ଜଫ୍ରେମ୍ ହେବାପରେ ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମାମଲାର ବିଚାର ଆରମ୍ଭ ହୋଇଥିଲା।

ବିଚାର ସମୟରେ ନାବାଳିକା ଜଣକ ଚାଞ୍ଚଲ୍ୟକର ବୟାନ ଦେଇଥିଲେ। ଭୁଲ୍ ବୁଝାମଣା ଯୋଗୁଁ ସେ ଅଜୟ ବିରୋଧରେ ମହିଳା ଥାନାରେ ଏତଲା ଦେଇଥିଲେ ଓ ଏଫ୍‌ଆଇଆର୍ ନ ପଢ଼ି ବିଭିନ୍ନ କାଗଜପତ୍ରରେ ଦସ୍ତଖତ ଦେଇଥିଲେ ବୋଲି ବୟାନ ଦେଇଥିଲେ। ଏମିତିକି ବାପାମାଆ ଓ ପୁଲିସର ଚାପରେ ଆସି ସିଆରପିସି ୧୬୪ ଅନୁଯାୟୀ କୋର୍ଟରେ ଅଭିଯୁକ୍ତ ବିରୋଧରେ ବୟାନ ଦେଇଥିଲେ ବୋଲି ବିଚାର ସମୟରେ କହିଥିଲେ। ନାବାଳିକାଙ୍କ ମାଆ ମଧ୍ୟ ବିଚାର ସମୟରେ ସମାନ କଥା କହିଥିଲେ। ଭୁଲ୍ ବୁଝାମଣା ପାଇଁ ତାଙ୍କ ଝିଅ ଅଭିଯୁକ୍ତ ବିରୋଧରେ ଏଫ୍‌ଆଇଆର୍ ଦେଇଥିଲେ ବୋଲି ସେ ବୟାନ ଦେଇଥିଲେ। ନାବାଳିକା ଓ ତାଙ୍କ ମାଆଙ୍କ ବୟାନ ଯୋଗୁଁ ଏଫ୍‌ଆଇଆର୍ ଓ ସିଆରପିସି ଧାରା ୧୬୪ ଆଧାରରେ ରେକର୍ଡ ହୋଇଥିବା ବୟାନ ପ୍ରମାଣିତ ହୋଇ ପାରିଲା ନାହିଁ। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅଭିଯୁକ୍ତ ଅଜୟଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ତେବେ ଏଭଳି ଘଟଣା ପୁଲିସର ତଦନ୍ତକୁ ନେଇ ବଡ଼ ପ୍ରଶ୍ନ ଛିଡ଼ା କରାଇଥିବା ବେଳେ ସଠିକ୍ ତଦନ୍ତ ବିନା ଗିରଫଦାରୀ ହେଉଥିବା କଥାକୁ ସ୍ପଷ୍ଟ କରିଛି। ଇଏ କେବଳ ଗୋଟିଏ ଘଟଣା ନୁହଁ, ଅନେକ ଘଟଣାରେ ପୁଲିସ ସଠିକ୍ ତଦନ୍ତ ବିନା ଗିରଫ କରୁଥିବାରୁ ସାଧାରଣ ଲୋକ ନିନ୍ଦା ଅପବାଦ ମୁଣ୍ଡାଉଛନ୍ତି। କେବଳ ସାଧାରଣ ଲୋକ ନୁହନ୍ତି, ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ଏଥିରୁ ବାଦ୍ ପଡୁ ନାହାନ୍ତି। କିଛି ଲୋକ ବ୍ୟକ୍ତିଗତ ଆକ୍ରୋଶ ବା ଫାଇଦା ଲାଗି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଉଥିବା ବେଳେ ପୁଲିସ ମଧ୍ୟ ସଠିକ୍ ତଦନ୍ତ ବିନା ସେମାନଙ୍କୁ ଗିରଫ କରୁଛି। ସେପଟେ ଅନେକ ସମୟରେ ଉଭୟ ଅଭିଯୋଗକାରୀ ଓ ଅଭିଯୁକ୍ତ କୋର୍ଟ ବାହାରେ ଆପୋସ ବୁଝାମଣା କରୁଥିବା ନଜିର୍ ରହିଛି। ଯେଉଁଥିପାଇଁ ପୋକ୍ସୋ ଭଳି ସଙ୍ଗୀନ ମାମଲାରେ ଅଭିଯୋଗକାରୀ କୋର୍ଟରେ ପଟ ପରିବର୍ତ୍ତନ କରୁଛନ୍ତି। ଫଳରେ କୋର୍ଟରେ ଅପରାଧ ପ୍ରମାଣିତ ହୋଇ ପାରୁନାହିଁ।

## ଆର୍‌ଟିଓ ୱାନ୍ ପାଇଁ ୫ ଏକର ଜମି ଅଧିଗ୍ରହଣ

# ମାଟିରେ ମିଶିଲା ୧୧ ଘର



ଯାଁଳା,୨୯ ।୪(ସମିସ): ଜଟଣୀ ତହସିଲ ପକ୍ଷରୁ ଆରଟିଓ ୧ ପାଇଁ ଯାଁଳା ପଞ୍ଚାୟତ ଓଗାଳପଡା ମୌଜାରେ ଥିବା ୫ ଏକର ଜମି ଅଧିଗ୍ରହଣ ହୋଇଛି। ଜଟଣୀ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଓ ଇସ୍ମିତା ବଳିୟାରସିଂଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ବୁଧବାର ଏହି ଉଚ୍ଛେଦ ଅଭିଯାନରେ ଦୁଇଟି ଜେସିବି ଦ୍ୱାରା ୧୧ ଟି ଘର ମାଟିରେ ମିଶିଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ପୁଲିସ ଫୋର୍ସ ଓ ୫ରୁ ଅଧିକ ପୁଲିସ ଅଧିକାରୀ ନିୟୋଜିତ ହୋଇଥିଲେ।

ଜଟଣୀ ତହସିଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଛେଦ ଦ୍ୱିତୀୟ ଦିନରେ ପହଞ୍ଚିଛି। ଦିନ ପ୍ରାୟ ୧୦ଟା ବେଳକୁ ତହସିଲ କର୍ତ୍ତୃପକ୍ଷ ପୁଲିସ ବଳ ସହ ଓଗାଳପଡା ସରକାରୀ ଜମିରେ ପହଞ୍ଚିଥିଲେ। ଉଚ୍ଛେଦ ସମୟରେ ଯଦିବା ବିରୋଧ ପ୍ରଦର୍ଶନ ହୋଇ ନ ଥିଲା ତେବେ ଲୋକମାନେ କାନ୍ଦ ବୋବାଳି କରି ସେମାନଙ୍କ ଘର ଖାଲି କରିଥିଲେ। କିନ୍ତୁ ଗୋଟିଏ ମୌଜାରେ ଅନ୍ୟ କିଛି ଘର ଥିବାରୁ ସେମାନଙ୍କ ଘରକୁ ଛାଡି କାହିଁକି ମାତ୍ର ୧୧ଟି ଘରକୁ ଟାର୍ଗେଟ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏନେଇ ଅତିରିକ୍ତ ତହସିଲଦାରଙ୍କ କହିବା କଥା ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ପର୍ଯ୍ୟାୟକ୍ରମେ ଏହି ଅଞ୍ଚଳରେ ଥିବା ସମସ୍ତ ସରକାରି ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ।

# ରାଜପଥରେ ଅଟୋ ଓଲଟି ଜଣେ ମୃତ

ଯାଁଳା,୨୯ ।୪(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ଇନଫୋସିଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ବଜାର ଉପରେ ଅଟୋ ଓଲଟି ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ଚାଳକ ଜଣକ ହେଲେ ଇନଫୋସିଭ୍ୟାଲି ଥାନା ଛତାବର ପଞ୍ଚାୟତ କାଶୀପୁର ଗ୍ରାମର ରଶ୍ମି ରଞ୍ଜନ କର (୪୩)।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ଗୋଟାଏ ବେଳେ ରଶ୍ମି ତାଙ୍କ ଅଟୋ ନେଇ ଭୁବନେଶ୍ୱରରୁ ନିଜ ଗାଁ କାଶୀପୁରକୁ ଫେରୁଥିଲେ। କିନ୍ତୁ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ଫୁଟପାଥ୍ ଉପରେ ଚଢି ଯାଇଥିଲା। ଫଳରେ ରଶ୍ମି ଅଟୋରୁ ତଳକୁ ଖସିପଡିଥିଲେ। ସେହି ସମୟରେ ଅଟୋଟି ଓଲଟି ପଡି ତାଙ୍କ ଉପରେ ମାଡି ବସିଥିଲା। ଛାତି ଓ ମୁହଁ ଉପରେ ଅଟୋ ମାଡି ବସିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଇନଫୋସିଭ୍ୟାଲି ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି।

# ସିଗାରେଟ୍ ଟାଣି ଦିଆସିଲି ଫୋପାଡୁଥିଲେ, ଜଳିଗଲା ଦୋକାନ

ଭୁବନେଶ୍ୱର, ୨୯।୪ (ସମିସ): ସିଗାରେଟ୍ ଟାଣି ଜଳନ୍ତା ଦିଆସିଲି ଫୋପାଡ଼ିବା ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। ନିଆଁ ଲାଗି ଦୋକାନ ଜଳି ଯିବାରୁ ପୁଲିସ ଗିରଫ କରିଛି। ଗିରଫ



ଅଭିଯୁକ୍ତ ହେଉଛନ୍ତି ଶ୍ରୀ ବିହାରରେ ରହୁଥିବା ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଘଣ୍ଟେଶ୍ୱରର ବିକାଶ ଚଣ୍ଡ (୪୦)।

ପୁଲିସ ସୂଚନାନୁସାରେ, ବିକାଶ ଶ୍ରୀ ବିହାର ସ୍ଥିତ ଓମ୍ ଭିଲ୍ଲା ଆପାର୍ଟମେଣ୍ଟ ନିକଟରେ ଥିବା ଏକ ଦୋକାନକୁ ଯାଇଥିଲେ। ସେଠାରେ ସିଗାରେଟରେ ନିଆଁ ଲଗାଇ ଜଳନ୍ତା ଦିଆସିଲି ଫୋପାଡ଼ି ଦେଇଥିଲେ। ଜଳନ୍ତା ଦିଆସିଲି କାଠିଟି ଦୋକାନ ପାଖରେ ଥିବା ନଡ଼ା ଗଦାରେ ପଡ଼ି ଯାଇଥିଲା। ନିଆଁ ପ୍ରଥମେ ନଡ଼ା ଗଦା ଓ ପରେ ଦୋକାନରେ ଲାଗି ଯାଇଥିଲା। ଫଳରେ ଦୁଇଟି ଦୋକାନ ଜଳି ଯାଇଥିଲା। ଏନେଇ ରାଜେଶ କୁମାର ପ୍ରଧାନ ଓ ସୁଦର୍ଶନ ସୂତାର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ବିକାଶ ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ଘଟଣାସ୍ଥଳରୁ ଦିଆସିଲି ଓ ସିଗାରେଟ୍ ଜବତ କରିବା ସହ ବୁଧବାର ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ୯ ବର୍ଷ ପରେ ଆସିଲା ରାୟ

# ହତ୍ୟାକାରୀ ଶିକ୍ଷକଙ୍କୁ ଆଜୀବନ ଜେଲ୍

**ଝିଅ ଦେଖା ବିବାଦରୁ ଘଟିଥିଲା ହତ୍ୟା**

**ମାଉସୀପୁଅକୁ ଛୁରି ଭୁସି ମାରିଥିଲେ ପ୍ରାଥମିକ ଶିକ୍ଷକ**



ଭୁବନେଶ୍ୱର, ୨୯।୪ (ସମିସ): ଅଶୋକ ନଗର ତାରା ଲଜରେ ଘଟିଥିବା ମାଉସୀ ପୁଅ ଭାଇକୁ ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଏକ ଲୋମହର୍ଷଣକାରୀ ହତ୍ୟା ମାମଲାର ବିଚାରକରି ଆସାମୀ ସରୋଜ ଭବସାଗରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ସରୋଜ ପ୍ରାଥମିକ ଶିକ୍ଷକ ହୋଇଥିବା ବେଳେ ମୃତକ ଗୌରୀ ତନ୍ତି ହେଉଛନ୍ତି ତାଙ୍କର ମାଉସୀ ପୁଅ ଭାଇ। ଉଭୟଙ୍କ ଘର ବୌଦ୍ଧ ଜିଲ୍ଲାରେ। ପୂର୍ବରୁ ଏକ ଝିଅ ଦେଖାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବିବାଦ ରହିଥିବା ବେଳେ ସରୋଜର ମୋବାଇଲ ଫୋନ ଓ ଫେସବୁକ ଆକାଉଣ୍ଟ ହ୍ୟାକ୍ ହେଉଥିବାରୁ ସେ ଗୌରୀଙ୍କୁ ସନ୍ଦେହ କରୁଥିଲେ। ଏହିସବୁ ବିବାଦରୁ ଗୌରୀଙ୍କୁ ହତ୍ୟା କରିବାକୁ ସରୋଜ ଯୋଜନା କରିଥିଲା।

ଯୋଜନା ମୁତାବକ, ସରୋଜ ୨୦୧୬ ଅଗଷ୍ଟ ୯ ତାରିଖ ଦିନ ଗୌରୀଙ୍କୁ ସାଙ୍ଗରେ ନେଇ ବୌଦ୍ଧରୁ ଭୁବନେଶ୍ୱର ଆସିବା ସହ ଅଶୋକ ନଗରରେ ଥିବା ତାରା ରେସିଡେନ୍ସିର ରୁମ୍ ନମ୍ବର-୧ ରେ ରହିଥିଲେ। ଘଟଣା ଦିନ ମଧ୍ୟାହ୍ନରେ ଉଭୟ ଖାଇବା ମଗାଇ ରୁମ୍ ଭିତରେ ହିଁ ସାଙ୍ଗ ହୋଇ ଖାଇଥିଲେ। ଖାଇବା ବେଳେ ପୂର୍ବ ବିବାଦକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା। ସରୋଜ ସାଙ୍ଗରେ ଆଣିଥିବା ଏକ ଛୁରିରେ ଗୌରୀଙ୍କ ବେକକୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଅର୍ଥାତ୍ ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ସରୋଜ ହୋଟେଲ ରିଶେପସନକୁ ଯାଇ ସେଠାରେ କିଛି ସମୟ ପାଇଁ ବସିଥିଲା। ଏଥିସହିତ ନିଜକୁ ଅସୁରକ୍ଷିତ ତଥା ଜୀବନକୁ ବିପଦ ଥିବା ଦର୍ଶାଇ ପୁଲିସ ସାହାଯ୍ୟ ଆବଶ୍ୟକ କରୁଛି ବୋଲି ହୋଟେଲ କର୍ମଚାରୀଙ୍କୁ ଜଣାଇଥିଲା। ରିଶେପସନ କର୍ମଚାରୀଙ୍କ ଠାରୁ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ହୋଟେଲ କର୍ମଚାରୀ ଓ ସରୋଜ ଉପସ୍ଥିତିରେ କବାଟ ଖୋଲିବା ବେଳକୁ ପରେ ରୁମ୍ ଭିତରୁ ଗୌରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ରିଶେପସନ୍ କର୍ମଚାରୀଙ୍କ ଅଭିଯୋଗ କ୍ରମେ କ୍ୟାପିଟାଲ ଥାନା ପୁଲିସ କେସ୍ ନଂ - ୩୦୩/୧୬ରେ ଧାରା ୩୦୨ ଆଇପିସି ଲଗାଇ ହତ୍ୟା ମାମଲା ରୁଜୁ କରିଥିଲା। ତତ୍କାଳୀନ କ୍ୟାପିଟାଲ ଥାନା ଅଧିକାରୀ ମାନସ ରଞ୍ଜନ ଗଡ଼ନାୟକ ମାମଲାର ତଦନ୍ତ କରି ସରୋଜକୁ ଗିରଫ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସଂପୃକ୍ତ ୨୦ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୧୯ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ସରୋଜକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସିର ଧାରା ୩୦୨ ଅନୁଯାୟୀ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ବର୍ଷର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପାଇଁ ଅନୁରାଗ ଠାକୁରଙ୍କୁ ଦାବିପତ୍ର



ଭୁବନେଶ୍ୱର,୨୯ ।୪(ସମିସ): ସାମ୍ବାଦିକ ସଙ୍ଘର ସମଷ୍ଟୀ ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ସାମ୍ବାଦିକଙ୍କ ସମସ୍ୟା ନେଇ ପୂର୍ବତନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ତଥା ସାଂସଦ ଅନୁରାଗ ସିଂ ଠାକୁରଙ୍କୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସାମ୍ବାଦିକଙ୍କ ସମସ୍ୟା ନେଇ ଆଲୋଚନା ଓ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଗଦାଧର ଦାଶ, ସରୋଜ ସାହୁ, ମଦନ ମୋହନ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ।

# କ୍ୟାମ୍ପସ୍ ଟୁ କ୍ୟାରିଅର୍‌ରେ ୪୦୦ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

ଭୁବନେଶ୍ୱର,୨୯।୪(ସମିସ): ଭୁବନେଶ୍ୱର ସରକାରୀ ପଲିଟେକନିକରେ ଆୟୋଜିତ କ୍ୟାମ୍ପସ ଟୁ କ୍ୟାରିଅର କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନର ୪ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବିଭିନ୍ନ ଟ୍ରେଡରେ ପ୍ରଶିକ୍ଷଣ ଶେଷ କରିବା ପରେ, ୩୨ରୁ ଅଧିକ ପ୍ରତିଷ୍ଠିତ କମ୍ପାନି ଯଥା ଟାଟା ପାୱାର, ଜେଓସଡବ୍ଲ୍ୟୁ, ପେଟିଏମ, ୟାଜାକି ଓ ମେଡ୍ ପ୍ଲସ ଆଦିରେ ଏହି ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ଜରିଆରେ ୧୭୫ ଜଣ ଛାତ୍ର ଓ ୨୩୪ ଜଣ ଛାତ୍ରୀଙ୍କୁ ନିଯୁକ୍ତି ମିଳିଛି। ସେହିପରି, ସୁଦକ୍ଷା ଯୋଜନା ଜରିଆରେ, ସରକାରୀ ପଲିଟେକ୍ନିକ ଭୁବନେଶ୍ୱରରୁ ସଫଳତାର ସହ ତାଲିମ ଶେଷ କରି ନିଯୁକ୍ତି ପାଇବାକୁ ଥିବା ୧୬୮ ଜଣ ଛାତ୍ରୀଙ୍କ ସଫଳ ଯାତ୍ରାକୁ ନେଇ ଅନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକ 'ନାରୀ ବନ୍ଦନା, ଏମ୍ପାୱାରିଂ ନାରୀଶକ୍ତି' କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ସଚିବ ସ୍ୱପ୍ନ କୁମାର ମିଶ୍ର, ସରକାରୀ ପଲିଟେକ୍ନିକ ଅଧକ୍ଷ ଡ. ରଜତ ପାଣିଗ୍ରାହୀଙ୍କ ସମେତ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପାଇକରାପୁର ବେଆଇନ ମୋରମ୍ ଖଣିରେ ଚଢ଼ଉ

# ଦୁଇ ଗିରଫ; ୪ ହାଇୱା ଓ ୩ ଜେସିବି ମେସିନ୍ ଜବତ







ଭୁବନେଶ୍ୱର, ୨୯।୪ (ସମିସ): ପାଇକରାପୁରରେ ଚାଲିଥିବା ବେଆଇନ ମୋରମ୍ ଖଣି ଉପରେ ଚଢ଼ଉ କରିଛି ଚନ୍ଦକା ଥାନା ପୁଲିସ। ଦୁଇ ଜଣଙ୍କୁ ଗିରଫ କରିବି ସହ ହାଇୱା ଟ୍ରକ୍ ଓ ଜେସିବି ମେସିନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଜଟଣୀ ଗୋପୀନାଥପୁରର ସିପୁ ଲେଙ୍କା (୨୪) ଓ କେନ୍ଦ୍ରାପଡ଼ାର ଆକାଶ ଗୁରୁ (୨୯)।

ପୁଲିସ ସୂଚନାନୁସାରେ, ପାଇକରାପୁର ଖେଳ ପଡ଼ିଆ ନିକଟରେ ବେଆଇନ ମୋରମ୍ ଖଣି ଚାଲିଥିବା ଖବରପାଇ ଚନ୍ଦକା ଥାନା ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି ମୋରମ୍ ମାଫିଆମାନେ ଫେରାର ହୋଇ ଯାଇଥିବା ବେଳେ ସିପୁ ଓ ଆକାଶକୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ମୋରମ ଖନନ ଓ ଚାଲାଣ ନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ଚନ୍ଦକା ଥାନା ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ସିପୁ ଓ ଆକାଶକୁ ଗିରଫ କରିବା ସହ ୪ଟି ହାଇୱା ଟ୍ରକ ଓ ୩ଟି ଜେସିବି ମେସିନ ଜବତ କରିଥିଲା।

## କେବେ ହେବ କଳିଙ୍ଗ ନଗର ହାଟ ସ୍ଥାନାନ୍ତରଣ

# ଦୁର୍ଘଟଣା ବଢ଼ାଉଛି ପାର୍କିଂ ସମସ୍ୟା



ଭୁବନେଶ୍ୱର, ୨୯ ।୪(ସମିସ): କଳିଙ୍ଗ ନଗର ଓ କଳିଙ୍ଗ ବିହାର ସାପ୍ତାହିକ ହାଟ ଦିନକୁ ଦିନ ବୃଦ୍ଧି ପାଉଛି। ଦୋକାନ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି ଯଦ୍ୱାରା ହାଟ ପାଖରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଫଳରେ ହାଟକୁ ସ୍ଥାନାନ୍ତକରଣ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ।

ରାଜଧାନୀରେ ଏବେ ହାଟମାନଙ୍କରେ ଅନେକ ସମସ୍ୟା ଲାଗିରହିଛି। ଏହି ହାଟଗୁଡ଼ିକ ମଧ୍ୟରୁ କଳିଙ୍ଗ ନଗର ଓ କଳିଙ୍ଗ ବିହାର ସାପ୍ତାହିକ ହାଟ ଅନ୍ୟତମ। ଏହି ହାଟଟି କଳିଙ୍ଗ ବିହାର ଜଗନ୍ନାଥ ମନ୍ଦିର ପାଖରେ ପ୍ରତି ସପ୍ତାହର ବୁଧବାର ଓ ରବିବାର ବସିଥାଏ। ଏହି ହାଟରେ ୪ଶହରୁ ଅଧିକ ଦୋକାନ ବସୁଥିବା ବେଳେ କଳିଙ୍ଗ ନଗର ଓ କଳିଙ୍ଗ ବିହାରର କେ୨, କେ୩, କେ୪, କେ୫, କେ୬ ସମେତ ତମାଣ୍ଡୋ, ଟାଟା ଆରିୟାନ୍ କଲୋନୀ ସମେତ ଆଖପାଖ ଉପକଣ୍ଠ ଗାଁ ପ୍ରାୟ ୩୦ ହଜାର ଲୋକ ଏହି ସାପ୍ତାହିକ ହାଟ ଉପରେ ନିର୍ଭରଶୀଳ ଅଛନ୍ତି।

**ବଢୁଛି ଚୋରଙ୍କ ଉତ୍ପାତ**

ହେଲେ ଏହି ହାଟଟି ଜାତୀୟ ରାଜପଥରୁ କଳିଙ୍ଗ ନଗର ଓ କଳିଙ୍ଗ ବିହାର ସମ୍ ହସ୍ପିଟାଲ ଯିବା ରାସ୍ତା ପାଖରେ ଥିବାରୁ ଲୋକଙ୍କୁ ଯାତାୟତ କରିବା ପାଇଁ ଅସୁବିଧା ହେଉଅଛି। ଏଥିସହିତ ଏହି ହାଟକୁ ଲାଗି ମନ୍ଦିର ଓ ହାଟ ସମ୍ମୁଖରେ ଆମ ବସ୍ ଷ୍ଟପେଜ୍ ଥିବାରୁ ହାଟ ବସୁଥିବା ସମୟରେ ବସ୍ ରହିବା ପାଇଁ ମଧ୍ୟ ନାନା ପ୍ରକାରର ଅସୁବିଧା ହେଉଅଛି। ତତ୍‌ସହିତ ଗାଡ଼ି ପାର୍କିଂ କରିବାକୁ ସ୍ଥାନର ଅଭାବ ରହିଛି। ଅନେକ ଲୋକ ରାସ୍ତାକୁ ଲଗାଇ ଗାଡ଼ି ପାର୍କ କରିବା ସମୟରେ ଅନେକ ଥର ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ରାତି ଟିକେ ହୋଇଗଲେ ରାସ୍ତା ଜାମ୍ ହେବାରୁ ଗାଡ଼ି ଚୋରି ହେଉଥିବାର ସ୍ଥାନୀୟ ବ୍ୟବସାୟୀମନେ ଅଭିଯୋଗ କରିଛନ୍ତି। ଏଥିସହିତ କଳିଙ୍ଗ ନଗର ଓ କଳିଙ୍ଗ ବିହାର ମାଛ ମାର୍କେଟର ପଛ ପାଖକୁ ଏହି ସାପ୍ତାହିକ ହାଟଟି ସ୍ଥାନାନ୍ତରଣ କରିବା ପାଇଁ ବିଏମ୍‌ସି ପାଖେ କଳିଙ୍ଗ ବିହାର ଓ କଳିଙ୍ଗ ନଗରର ବିଭିନ୍ନ ଅନୁଷ୍ଠାନ ଦାବି କରି ଆସୁଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଏନେଇ କଳିଙ୍ଗ ବିହାର ଅଞ୍ଚଳର ଜଣେ ଲୋକ କୁହନ୍ତି ଏହି ସାପ୍ତାହିକ ହାଟରେ ପରିବା ଠାରୁ ଆରମ୍ଭ କରି ସବୁ ଜିନିଷ ମିଳିଥାଏ। ଫଳରେ ଛୋଟ ବଡ଼ ହୋଟେଲ ହେଉ ଅବା ସାଧାରଣ ଲୋକେ ଏହି ହାଟରୁ କମ୍ ମୂଲ୍ୟରେ ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀ ନେଇଥାନ୍ତି ହେଲେ ହାଟଟି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ଘଟୁଛି। ଫଳରେ ହାଟ ଦିନ ଏହି ଅଞ୍ଚଳର କିଛି ଯୁବକ ହୁଅନ୍ତୁ ଅବା ବରିଷ୍ଠ ରାସ୍ତାରେ ରହି ଗାଡ଼ି ନୟନ୍ତ୍ରଣ କରିଥାନ୍ତି। ହେଲେ ହାଟଟି ସ୍ଥାନାନ୍ତରଣ ହୋଇଗଲେ ହାଟରେ ଅଧିକ ବ୍ୟବସାୟ ସହିତ ଅଧିକ ଲୋକ ଏହି ହାଟକୁ ଆସିପରନ୍ତେ ବୋଲି ସେ କହିଛନ୍ତି।





# ଅସହ୍ୟ ଗ୍ରୀଷ୍ମ: ସପିଂ ମଲ୍ ଓ ସିନେମା ହଲ୍‌ରେ ଭିଡ଼

ଭୁବନେଶ୍ୱର,୨୯।୪(ସମିସ):

୪୦ ଡିଗ୍ରୀ ପାର ହୋଇଛି ରାଜଧାନୀର ତାପମାତ୍ରା। ଅପରାହ୍ଣରୁ ସନ୍ଧ୍ୟା ଯାଏ ଜଳୁଛି ରାଜଧାନୀ। ଫଳରେ ଅହସ୍ୟ ଗୁଳୁଗୁଳିରୁ ତ୍ରାହି ପାଇବାକୁ ଲୋକମାନେ ଭିନ୍ନଭିନ୍ନ ତରିକା ଆପଣେଇଛନ୍ତି। କିଏ ସୁନା ଦୋକାନକୁ ଯାଇ ଗହଣା ଦେଖିବା ସହ ଆଉ କିଏ ମଲ୍ ଭିତରେ ବୁଲୁଥିବା ଦେଖିବାକୁ ମିଳିଛି। ତେବେ ଅଧିକାଂଶ ଲୋକ ବଡ଼ ବଡ଼ ସପିଂମଲ୍‌ରେ କିଣାକିଣି କରିବା ସାଙ୍ଗକୁ ଖାଇବା ଓ ସିନେମା ଦେଖି ସକାଳ ୧୧ଟାରୁ ସନ୍ଧ୍ୟା ୬ଯାଏ ସମୟ ଅତିବାହିତ କରୁଛନ୍ତି। ତେବେ ଏହି ସମୟରେ ବିଭିନ୍ନ ହଷ୍ଟେଲ ରହୁଥିବା ଛାତ୍ରଛାତ୍ରୀ କିମ୍ବା ୱାର୍କ ଫ୍ରମ୍ ହୋମ୍‌ରେ କାମ କରୁଥିବା କର୍ମଜୀବୀମାନେ ସହରର ବଡ଼ବଡ଼ ସପିଂମଲ୍ ରେ ରହିଥିବା ଫୁଡ୍‌କୋର୍ଟରେ ଅଫିସ୍ କାମ କରୁଥିବା ଦେଖିବାକୁ ମିଳିଛି।

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେଜନଜୀବନଅସ୍ତବ୍ୟସ୍ତହୋଇପଡ଼ିଛି। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଅସହ୍ୟ ଗୁଳିଗୁଳି। ବଡ଼ବଡ଼ିଆମାନେ ଏସି ରୁମ୍‌ରେ ଆରାମ କରୁଥିବା ବେଳେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ଗରମରେ ପେଶି ହୋଇ ରାହା ଖୋଜୁଛନ୍ତି। ସେମାନଙ୍କ ପାଇଁ ଏକମାତ୍ର ଭରସା ପାଲଟିଥିବା ଫ୍ୟାନ୍ ବି ଅନେକ ସମୟରେ ଚାଲୁନାହିଁ। କାରଣ ଅନେକ ସମୟରେ ବିଜୁଳି ଡିମ୍ ସାଙ୍ଗକୁ ବାରମ୍ବାର ପାୱାର କଟ୍ ଯନ୍ତ୍ରଣାକୁ ଆହୁରୀ ବଢ଼ାଉଛି। ୧୧ଟା ବାଜିବା କ୍ଷଣି ଘର ହେଉ ଅବା ବାହାରେ ରହିବା କଷ୍ଟକର ହୋଇପଡୁଛି। ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିବା ବେଳକୁ ଖାଁ ଖାଁ ପାଲଟୁଛି ରାସ୍ତାଘାଟ। ରାସ୍ତାକଡ଼ରେ ବ୍ୟବସାୟୀ ମାନେ ମଧ୍ୟ ସକାଳ ୧୦ ପୂର୍ବରୁ ବ୍ୟବସାୟ କରି ଫେରିଯାଉଛନ୍ତି। ଅତି ଆବଶ୍ୟକ କାମ ନ ହେଲେ କେହି ପଦାକୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ଠିକଣା ପାଲଟୁଛି ବିଭିନ୍ନ ମଲ୍ ଏବଂ ସିନେମା ହଲ୍। କିଛି କିଣିବାର ନ ଥିଲେ ବି ମଲ୍ ଭିତରେ ବୁଲାବୁଲି କରି ଠିକ୍ ଖାଇବା ସମୟରେ ଫୁଡ଼କୋର୍ଟରେ ଖାଇବା ଏବଂ ତା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ସିନେମା ଦେଖିବା ଏବେ ନିୟମିତ ସୂଚୀ ପାଲଟିଲାଣି। ଅନେକ ସମୟରେ ବିଭିନ୍ନ ସିନେମା ହଲରେ ଅପରାହ୍ଣ ସମୟରେ ଟିକଟ୍ ସୋଲଡଆଉଟ୍ ରହୁଥିବା ବେଳେ ଏସପ୍ଲାନେଡ, ସିମ୍ଫୋନୀ, ଡିଏନ୍ ରିଗାଲିଆ ମଲଟି ସପିଂମଲ୍‌ରେ ରହିଥିବା ଫୁଡକୋର୍ଟରେ ମଧ୍ୟ ସିଟ୍‌ଗୁଡ଼ିକ ଫାଙ୍କା ରହୁନଥିବା ଦେଖିବାକୁ ମିଳୁଛି। ଅନେକ ଏଠାରେ ଖାଉଥିବା ବେଳେ ଅଧିକାଂଶ କେବଳ ଖରା ଗରମରୁ ରକ୍ଷା ପାଇବାକୁ ସକାଳୁ ରାତିରେ ମଲ୍ ବନ୍ଦ ହେବା ପର୍ଯ୍ୟନ୍ତ ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ଗହଣା ଦୋକାନ ଠାରୁ ଆରମ୍ଭ କରି କଫି ସପ୍ ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏନେଇ ଜଣେ ଛାତ୍ରୀ କହିଛନ୍ତି ଯେ, ମୁଁ ମୋ ସାଙ୍ଗମାନଙ୍କ ସହ ରହି କମ୍ପିଟେଟିଭ ପାଇଁ ପ୍ରସ୍ତୁତ ହେଉଛି। ହେଲେ ଉପର ଘରେ ରହୁଥିବାରୁ ୧୦ଟା ବାଜିଲେ ରୁମ୍‌ରେ ରହିବା ଅସମ୍ଭବ ହୋଇପଡୁଛି। ଏସି ଲଗାଇବା ପାଇଁ ସମ୍ବଳ ବି ନାହିଁ। ଆଖପାଖରେ ସମସ୍ତେ ଏହି ଏଲଗାଉଥିବାରୁ ଆମର ଭଲ ଭୋଲଟେଜ ରହୁନି ଫଳରେ ଫ୍ୟାନ୍ ବି ଠିକରେ ଚାଲୁନି। ତେଣୁ ଏହି ଫୁଡ଼କୋର୍ଟରେ ବସି ପଢ଼ାପଢ଼ି କରିବା ସହ ଅନଲାଇନ୍ କ୍ଲାସ୍ ମଧ୍ୟ କରିହେଉଛି। କାରଣ ଏଠାରେ ବସିବାକୁ କୌଣସି ଫି' ଲାଗୁନି। କେବଳ ଶନିବାର ଓ ରବିବାର ଅଧିକ ଭିଡ଼ ହେଉଥିବାରୁ ସେ ଆସୁନଥିବା କହିଛନ୍ତି। ତେବେ ବର୍ତ୍ତମାନ ଗରମରୁ ରକ୍ଷା ପାଇବାକୁ ଯୁବଗୋଷ୍ଠୀଙ୍କ ଡେଷ୍ଟିନେସନ୍ ପାଲଟିଛି ରାଜଧାନୀର ବିଭିନ୍ନ ସପିଂମଲରେ ରହିଥିବା ଫୁଡକୋର୍ଟ। ଫଳରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ହେଉ ଅବା ପାର୍କ ଦିନବେଳା ଜନଶୂନ୍ୟ ପାଲଟୁଛି।



ଫୁଡକୋର୍ଟରେ ପାଠପଢ଼ା, ଅଫିସ୍ କାମ

## ରାଜ୍ୟ ସମବାୟ ୟୁନିୟନ ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୯।୪(ସମିସ): ଓଡିଶା ରାଜ୍ୟ ସମବାୟ ୟୁନିୟନ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନଙ୍କର ୧୭୮ତମ ଜୟନ୍ତୀ ଅବସରରେ ସମବାୟ ଭବନ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡିଶା ରାଜ୍ୟ ସମବାୟ ୟୁନିୟନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ସମବାୟବିତ୍, ମହେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ଭାବେ ଶରତ କୁମାର ଦଳସିଂହ ରାୟ ଉପସ୍ଥିତ ରହି ନିଜର ମତ ପୋଷଣ କରିଥିଲେ।

ସଭାରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମର ଉପ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର, ମହିଳା ବିକାଶ ସମବାୟ ନିଗମର ସଭାପତି ସ୍ୱାଧୀନବାଳା ଦାଶ, ଲେବର ଫେଡେରେସନର ସଭାପତି ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସମବାୟ ୟୁନିୟନର ସଂପାଦକ ବ୍ରହ୍ମାନନ୍ଦ ପରିଜା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଉପ ସମ୍ପାଦକ ସୁନିତା ପତି ଧନ୍ୟବାଦ ଦେଇଥିଲେ।

## ସୁରେଶ ଚନ୍ଦ୍ର ପାତ୍ରୋଙ୍କୁ 'କୁଳ ଗୌରବ ସମ୍ମାନ'



ଭୁବନେଶ୍ୱର,୨୯।୪(ସମିସ): କସ୍ତୁରୀ ଫ୍ଲୋର ମିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାତ୍ରୋଙ୍କୁ ବିଶ୍ୱ ଓଡ଼ିଆ ପରିବାର ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ 'କୁଳ ଗୌରବ ସମ୍ମାନ ୨୦୨୬'ରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ସାମାଜିକ ପ୍ରତିନିଧିମାନେ ଓଡ଼ିଆ ଅସ୍ମିତା ପାଇଁ ସେମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏକତ୍ରିତ ହୋଇଥିଲେ। ଓଡ଼ିଶାର ଖାଦ୍ୟ ଉତ୍ପାଦନରେ ନିରନ୍ତର ଅବଦାନ ଏବଂ କୃଷି ବ୍ୟବସାୟ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବାରେ ଏହାର ଭୂମିକା ପାଇଁ କସ୍ତୁରୀ ଫ୍ଲୋର ମିଲ୍ ଚୟନ କରାଯାଇଥିଲା। ୧୯୯୫ ମସିହାରୁ ଏକ ଦୃଢ଼ ଉପସ୍ଥିତି ସହିତ କମ୍ପାନୀଟି ବର୍ତ୍ତମାନ ଓଡ଼ିଶା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡ ଏବଂ ରାଜ୍ୟରେ ଛତୁଆର ଅଗ୍ରଣୀ ନିର୍ମାତା। ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଉତ୍ପାଦନ ୟୁନିଟ୍ ହେଉଛି ଗୁଣବତ୍ତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେଇ, ଗ୍ରାହକମାନଙ୍କ ପାଇଁ ୩ ହଜାର କେଜି/ଘଣ୍ଟାରୁ ଅଧିକ ଛତୁଆ ପାଉଡର ଉତ୍ପାଦନ କରିବାକୁ ସକ୍ଷମ। ଅଫଲାଇନ୍ ବଜାରର ନେତୃତ୍ୱ ନେବା ସହିତ ଏହି ବ୍ରାଣ୍ଡ ଫ୍ଲିପକାର୍ଟ, ଆମାଜନ ଏବଂ ବ୍ଲିଙ୍କିଟ୍ ଭଳି ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମରେ ଜାତୀୟସ୍ତରରେ ଏକ ଦୃଢ଼ ଅନଲାଇନ୍ ଉପସ୍ଥିତି ମଧ୍ୟ ସୃଷ୍ଟି କରିଛି।

## 'କଳାଭୂମି' ପକ୍ଷରୁ ପଣା ବଣ୍ଟନ

ଭୁବନେଶ୍ୱର,୨୯।୪(ସମିସ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'କଳାଭୂମି' ପକ୍ଷରୁ ଭୁବନେଶ୍ୱରର ପଥଚାରୀଙ୍କୁ ମାଗଣାରେ ପଣା ବଣ୍ଟନ କରାଯାଉଛି। ଓଡ଼ିଆ



ନବବର୍ଷ ଠାରୁ ଏହି ସେବା ଆରମ୍ଭ ହୋଇ ଗ୍ରୀଷ୍ମ ପ୍ରବାହ କମିବା ଯାଏ ପଥଚାରୀଙ୍କୁ ପଣା ପ୍ରଦାନ କରାଯିବ ବୋଲି କଳାଭୂମିର ଅଧ୍ୟକ୍ଷ ଡ. ପ୍ରମୋଦ ପତି କହିଛନ୍ତି। କିଟ୍ ଛକ ନିକଟ ଆଦର୍ଶ ବିହାର ଠାରେ ଆରମ୍ଭ ହୋଇଥିବା ଏହି ଷ୍ଟଲରେ ପ୍ରତିଦିନ ୧୦୦ରୁ ଅଧିକ ପଥଚାରୀଙ୍କୁ ପଣା ପ୍ରଦାନ କରାଯାଉଛି। ଏନେଇ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ପତି କହିଛନ୍ତି, ପ୍ରାୟ ୨ମାସ ପର୍ଯ୍ୟନ୍ତ ଏହା ଚାଲିବ।

## 'ଯଥାର୍ଥରେ ମଧୁବାବୁ ଥିଲେ ସ୍ୱାଭିମାନୀ'



ଭୁବନେଶ୍ୱର,୨୯।୪(ସମିସ): ଲେଖକ ସାମ୍ମୁଖ୍ୟର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପର୍ଶୁରାମ ଦ୍ୱିବେଦୀଙ୍କ ଦ୍ୱାରା ମାଷ୍ଟରକ୍ୟାଣ୍ଟିନସ୍ଥିତ ଗୋକୁଳ ପ୍ଲାଜାର ନୂତନ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସାମ୍ମୁଖ୍ୟର ସଭାପତି ଡ. ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ 'ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ ଉପରେ କବିତା ପାଠୋତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଆବାହକ ରମାକାନ୍ତ ମିଶ୍ର ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନ କରିବା ସହ ପରିଚାଳନା କମିଟି ସଭ୍ୟା ସୌଦାମିନୀ ସାମନ୍ତରାୟ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ। ପରେ ପରେ ସମ୍ପାଦିକା ବିମଳା ସିଂହ ସଭାର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହ ପଗଡ଼ି ପୁରୁଷ ମଧୁସୂଦନ ଦାସ ଯଥାର୍ଥରେ ଜଣେ ଖାଣ୍ଟି ଓଡ଼ିଆ ଥିଲେ ଏବଂ ତାଙ୍କ ସାରା ଜୀବନ କିପରି ଉତ୍କଳ ମାତାଙ୍କ ସର୍ବାଙ୍ଗୀଣ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଥିଲା। ଏହି ଅବସରରେ ମଧୁବାବୁଙ୍କ ଉପରେ ସ୍ୱରଚିତ କବିତା ପାଠ ହୋଇଥିଲା। "ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ ଉପରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ଡ. ବାସନ୍ତୀ ମହାନ୍ତି, ଡ. ଚକ୍ରଧର ଦାଶ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ। ଶେଷରେ ସଭାପତି ନିଜେ ବାଲେଶ୍ୱରର ଜିଲାପାଳ ଥିବା ବେଳେ କିପରି ଓଡ଼ିଶା ସୀମାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଡ. ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ।

## ନୂତନ ଜ୍ଞାନକୌଶଳକୁ ବିକାଶ ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖିବା ଆବଶ୍ୟକ




ଭୁବନେଶ୍ୱର, ୨୯।୪ (ସମିସ): ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ଏହା ଯେପରି କୌଣସି ବିପଦ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଧବାର ଓଡ଼ିଶା ସିଆଇଡି-କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକନୋଲୋଜିସ୍-ସିକ୍ୟୁରିଙ୍ଗ ଟୁମୋରୋଜ ଇଣ୍ଟେଲିଜେଣ୍ଟ ସିଷ୍ଟମ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର ଏହା କହିଛନ୍ତି। ଡାଟା ସିକ୍ୟୁରିଟି କାଉନସିଲ୍ ଅଫ୍ ଇଣ୍ଡିଆର ସିଇଓ ବିନାୟକ ଗଡ୍‌ସେ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସେକ୍ରେଟାରିଏଟ୍, ପିଏମଓର ପୂର୍ବତନ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ୍ ଏମ.ୟୁ ନାୟାର, ଇଣ୍ଟରନ୍ୟାସନାଲ ଟେଲି କମ୍ୟୁନିକେସନ ୟୁନିୟନ, ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡ. ଦେବବ୍ରତ ନାୟକ ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷାକୁ କିଭଳି ଅଧିକ ଗୁରୁତ୍ୱ ଦିଆଯାଇପାରିବ ସେ ଦିଗରେ ସବୁ ବର୍ଗ ପକ୍ଷରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତକୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋଆ ଏବଂ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏଆଇସି ସୋଆ ଫାଉଣ୍ଡେସନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଆଡିସିନାଲ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସ, ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଏକ ଷ୍ଟାର୍ଟଅପ ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା।

## ଶିକ୍ଷା ସଂଯୋଗ ଉତ୍ସବ

ବାଲିପାଟଣା,୨୯।୪(ସମିସ): ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଶିକ୍ଷା ସଂଯୋଗ ଉତ୍ସବ ବୁଧବାର ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ମନୋରଞ୍ଜନ ରାୟଙ୍କ ସଭାପତିତ୍ୱରେ ଶିକ୍ଷାବିତ ଅଭିମନ୍ୟୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଶିକ୍ଷାଳୟର ପ୍ରାଥମିକତା। ମାଲକାନାଗିରି ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସମାଜସେବୀ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ କୁମାରୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କବିତା କୁମାରୀ ଦେଇ ଓ ଚନ୍ଦ୍ର ଚରଣବେହେରାଙ୍କୁ ଉପହାର ଓ ଉପଢୌକନ ପ୍ରଦାନ କରାଯାଇ ବିଦାୟୀ ସମ୍ମାନ ପ୍ରଦାନ କରାଯାଇଥିଲା। ତିତିକ୍ଷା ନିବେଦିତା ସଭା ପରିଚାଳନା କରିଥିଲେ। ସିଦ୍ଧାର୍ଥ ପ୍ରସାଦ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ।

## ସାମ୍ବାଦିକଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




ଭୁବନେଶ୍ୱର,୨୯।୪: ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ସମଗ୍ର ରାଜ୍ୟରେ ୬ ଦଫା ଦାବି ପୂରଣ ନେଇ ପ୍ରତିବାଦ ସମାବେଶ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବିଶେଷ କରି ସାମ୍ବାଦିକ ସୁରକ୍ଷା ଆଇନ, ପେନସନ, ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ ଏକାଡେମୀ ଗଠନ, ସ୍ୱାସ୍ଥ୍ୟବୀମା ଯୋଜନାରେ ସମ୍ପ୍ରସାରଣ, ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସାମ୍ବାଦିକମାନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖାଯାଇଛି। ସ୍ମାରକପତ୍ର ପ୍ରଦାନ ପୂର୍ବରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ମହାନ୍ତି, ସଂଯୋଜକ ଟୁଲୁ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ମନୋଜ କୁମାର ପ୍ରଧାନ, ଯତୀନ ଷେଣ୍ଟ, ପ୍ରକାଶ କୁମାର ସାହୁ, ସନ୍ତୋଷ ପଣ୍ଡା, ବିଶ୍ୱନାଥ ସ୍ୱାଇଁ, ସରୋଜ କୁମାର ବିଶ୍ୱାଳ, ସଞ୍ଜୟ କୁମାର ଜେନା, ମନୋଜ କୁମାର ସ୍ୱାଇଁ, ଯୋଗୀ ଗଣେଶ୍ୱର, ଦିଲୀପ କୁମାର ଓଝା ପ୍ରମୁଖ ସାମିଲ ହୋଇଥିଲେ।

## ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମଧୁଜୟନ୍ତୀ

ଭୁବନେଶ୍ୱର, ୨୯।୪(ସମିସ): ଭୁବନେଶ୍ୱର ଓକିଲ ସଂଘ ତରଫରୁ ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନ ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଛି। ଭୁବନେଶ୍ୱର ଓକିଲ ସଂଘ ସଭାପତି ଅଶୋକ କୁମାର ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବରେ ଓଡିଶା ହାଇ କୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ସୁମନ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରମୋଦ ମହାନ୍ତି, ନିର୍ମଳ ପଟ୍ଟନାୟକ, ମାନସ ରଞ୍ଜନ ମହାପାତ୍ର, ଶିବାନନ୍ଦ ରାୟ, କପିଳେଶ୍ୱର ପଣ୍ଡା, ବନବିହାରୀ ମହାନ୍ତି, ଅଶୋକ କୁମାର ପାତ୍ର, ରାଜଲକ୍ଷ୍ମୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସଂଗୀତା ପଟ୍ଟନାୟକ, କୋଷାଧ୍ୟକ୍ଷ ହିତେନ ନାୟକ, ସହସମ୍ପାଦକ ଜୋତିର୍ମୟୀ ପଣ୍ଡା, ସଭ୍ୟ ଅକ୍ଷୟ ଦାସ, ଅନୁପ କୁମାର ରାୟ, ଦିବ୍ୟ ରଞ୍ଜନ ନରେନ୍ଦ୍ର, ପ୍ରଦୀପ୍ତ କୁମାର ପାଳ, ସୁବ୍ରତ ସେନାପତି, ସୁଶାନ୍ତ ଗୌଡ଼, ଦୁର୍ଗା ପ୍ରସାଦ ସାହୁ, ପ୍ରମିଳା ଜାଲି, ପୁଷ୍ପାଞ୍ଜଳି ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉପସଭାପତି ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଆରସିଏଡି ସଂକ୍ରାନ୍ତ ପରାମର୍ଶ କର୍ମଶାଳା



ଭୁବନେଶ୍ୱର,୨୯।୪(ସମିସ): ଓଡ଼ିଶାର ଜନସଂଖ୍ୟା ଗଠନରେ ପରିବର୍ତ୍ତନ ଏବଂ ବୟସ୍କ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସମନ୍ୱିତ ତଥା ଭବିଷ୍ୟତ-ଉପଯୋଗୀ ବ୍ୟବସ୍ଥାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ପ୍ରସ୍ତାବିତ 'ଓଡ଼ିଶା ରିସୋର୍ସ ସେଣ୍ଟର ଫର ଏଜିଙ୍ଗ ଆଣ୍ଡ ଦିବ୍ୟାଙ୍ଗଜନ' (ଓଆରସିଏଡି) ଉପରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜାତିସଂଘ ଜନସଂଖ୍ୟା ପାଣ୍ଠିର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ଓଆରସିଏଡିର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏହା ବୟସ୍କ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମ୍ୟତା ଏବଂ ସମନ୍ୱିତ ସେବା ପ୍ରଦାନ କ୍ଷେତ୍ରରେ ଏକ ରଣନୀତିକ ଆଧାର ଭାବରେ କାର୍ଯ୍ୟ କରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ବିଭାଗୀୟ ଶାସନସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଯେ ଜନସଂଖ୍ୟା ପରିବର୍ତ୍ତନ ସହିତ ସୃଷ୍ଟି ହେଉଥିବା ଜଟିଳ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅପରିହାର୍ଯ୍ୟ। ବିଭାଗୀୟ ନିର୍ଦ୍ଦେଶିକା ପାରୁଲ ପଟାୱରୀ ଓଆରସିଏଡିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ୟୁଏନଡିପି ଏବଂ ୟୁନିସେଫ୍‌ର ପ୍ରତିନିଧି, ବିକାଶମୂଳକ ସଂଗଠନ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ପଞ୍ଚାୟତିରାଜ ଏବଂ ମହିଳା ଓ ଶିଶୁ ବିକାଶ ଆଦି ପ୍ରମୁଖ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଜାତିସଂଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ଓଆରସିଏଡିର ପ୍ରସ୍ତାବିତ ରୂପରେଖ ଉପସ୍ଥାପନ କରାଯାଇଥିଲା।

## ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା




ବାଲିପାଟଣା,୨୯।୪(ସମିସ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡଃ ପ୍ରଭାତ କୁମାର ରଥ, ମୁଖ୍ୟବକ୍ତା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ବେଗୁନିଆ ବିଇଓ ଅର୍ଣ୍ଣବ କୁମାର ବେଉରା, ଅବସରପ୍ରାପ୍ତ ଶିକ୍ଷକ ରଶ୍ମି ରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ମଲ୍ଲିକ, ବିଆରସିସି ଯଶୋଦା ସାହୁ, ସିଆରସିସି ଲକ୍ଷ୍ମୀପ୍ରିୟା ବେହେରା, ଲିଙ୍ଗରାଜ ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କୁ ଜଣେ ଆଦର୍ଶ, ଶୃଙ୍ଖଳିତ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଭିହିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଓଷ୍ଟା ସଂପାଦକ ରମା ରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୮୪
- ପାଉଣ୍ଡ ୧୮.୦୪
- ୟୁରୋ ୧୧୦.୯୩
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୭,୯୦୦ (ଭୁବନେଶ୍ୱର)
- ରୁପା : ୨,୬୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୭,୪୯୬.୦୦
- ନିଫ୍ଟି ୨୪,୧୭୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସୁନା ଗହଣାରୁ ମୋହ ଭଙ୍ଗ: ଚାହିଦା ୧୯% ହ୍ରାସ

ନୂଆଦିଲ୍ଲୀ, ୨୯।୪ (ଏଜେନ୍ସି): ବିବାହ ଏବଂ ପର୍ବପର୍ବାଣୀର ଏକ ପ୍ରମୁଖ ଅଂଶ ଭାବରେ ବିବେଚିତ ସୁନା ଅଳଙ୍କାର ଧୀରେ ଧୀରେ ଭାରତୀୟମାନଙ୍କର ଆଉ ସବୁଠୁ ପସନ୍ଦ ସାମଗ୍ରୀ ନାହିଁ। ଉଚ୍ଚ ମୂଲ୍ୟ ଏବଂ ପରିବର୍ତ୍ତନଶୀଳ ନିବେଶ ଧାରା ମଧ୍ୟରେ ଲୋକେ ସୁନାକୁ ଏକ ନିବେଶ ବିକଳ୍ପ ଭାବରେ ବିଚାର କରୁଛନ୍ତି। ଯାହା ଫଳରେ ସୁନା ଅଳଙ୍କାରଠାରୁ ସେମାନେ ଦୂରେଇ ଯାଉଛନ୍ତି। ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସିର) ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ତ୍ରୈମାସିକରେ ପ୍ରଥମ ଥର ପାଇଁ ଭାରତରେ ସୁନାରେ ନିବେଶ ଚାହିଦା ଅଳଙ୍କାର ବ୍ୟବହାରକୁ ଅତିକ୍ରମ କରିଯାଇଛି। ଫଳସ୍ୱରୂପ ସୁନା ଅଳଙ୍କାରଚାହିଦାରେ ୧୯% ହ୍ରାସ ଘଟିଛି।

ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଦେଶରେ ସୁନା ଚାହିଦା ବର୍ଷସାରା ୧୦% ବୃଦ୍ଧି ପାଇ ୧୫୧ ଟନ୍‌ରେ ପହଞ୍ଚିଥିଲା। ରିପୋର୍ଟ ଅନୁଯାୟୀ, ସୁନା ମୂଲ୍ୟରେ ତୀବ୍ର ବୃଦ୍ଧି ମଧ୍ୟରେ ବର୍ତ୍ତମାନ ଏହି ଧାତୁରେ ନିବେଶ ଆକର୍ଷଣୀୟ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଏବେ ସୁନା ଚାହିଦାର ଧାରା ପରିବର୍ତ୍ତନ ହେଉଥିବା ମନେ ହେଉଛି। ଅଳଙ୍କାର ଅପେକ୍ଷା ସୁନାରେ ନିବେଶ ପାଇଁ ଲୋକେ ଏହାକୁ ପ୍ରବଳ ମାତ୍ରାରେ କ୍ରୟ କରୁଛନ୍ତି। ଡବ୍ଲ୍ୟୁଜିସିର କହିବାନୁଯାୟୀ, ମାର୍ଚ୍ଚ ତ୍ରୈମାସିକରେ ଅଳଙ୍କାର ଚାହିଦା ତଳମୁହାଁ ହୋଇଛି। ଏପରିକି ବର୍ଷସାରା ଏହି ଚାହିଦାରେ ୧୯% ହ୍ରାସ ପାଇ ଏହା ୬୬ ଟନ୍‌ରେ ପହଞ୍ଚିଛି। ସୁନାର ଉଚ୍ଚ ମୂଲ୍ୟ ଅଳଙ୍କାର ବ୍ୟବହାର ଉପରେ ପ୍ରଭାବ ପକାଇଛି। ଠିକ୍ ଏହି ସମୟରେ, ସୁନା ବାର୍, କଏନ୍ ଏବଂ ଇଟିଏଫ୍ ମାଧ୍ୟମରେ ନିବେଶ ଚାହିଦା ଏହି ତ୍ରୈମାସିକରେ ୫୪% ବୃଦ୍ଧି ପାଇ ୮୨ ଟନ୍ ହୋଇଛି। ଏହି ବୃଦ୍ଧି ଅଳଙ୍କାର ଚାହିଦା ହ୍ରାସକୁ ବହୁ ପରିମାଣରେ ପୂରଣ କରିଛି। ଡବ୍ଲ୍ୟୁଜିସି ଆକଳନ କରିଛି ଯେ ସମ୍ପୂର୍ଣ୍ଣ ବର୍ଷ ପାଇଁ ସୁନା ଚାହିଦା ୬୫୦-୭୫୦ ଟନ୍ ମଧ୍ୟରେ ରହିବ, ଯାହା ଗତ ବର୍ଷ ୭୧୨ ଟନ୍ ଥିଲା। ସାମ୍ପ୍ରତିକ ମାସଗୁଡ଼ିକରେ ବୃଦ୍ଧି ପାଉଥିବା ସୁନା ମୂଲ୍ୟ ଗ୍ରାହକଙ୍କ ବଜେଟ୍ ଉପରେ ପ୍ରଭାବ ପକାଇଛି। ମୂଲ୍ୟ ଦୃଷ୍ଟିରୁ ୨୦୨୬ର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଚାହିଦା ପ୍ରାୟ ଦ୍ୱିଗୁଣିତ ହୋଇ ବାର୍ଷିକ ଆଧାରରେ ୨୫ ବିଲିଅନ ଡଲାର (୨,୨୭,୫୦୦ କୋଟି ଟଙ୍କା)ରେ ପହଞ୍ଚି ରେକର୍ଡ କରିଛି।



### ସୁନାରେ ନିବେଶ ୧୦% ବଢ଼ିଲା

### ବାର୍, କଏନ୍,ଇଟିଏଫ୍‌ରେ ନିବେଶ ୫୪% ବଢ଼ିଛି

# କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଦୁନିଆର ୧୭% ସୁନା

### ଆର୍‌ବିଆଇ ପାଖରେ ୮୮୦ ଟନ୍ ସୁନା ମହଜୁଦ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ବିଶ୍ୱ ବଜାରରେ କ୍ରମାଗତ ଭାବେ ସୁନାର ମୂଲ୍ୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜାନୁଆରୀରେ ମଧ୍ୟ ଏଥିରେ ଯଥେଷ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଏହାର ଏକ ପ୍ରମୁଖ କାରଣ ହେଉଛି ଯେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସାମ୍ପ୍ରତିକ ବର୍ଷଗୁଡ଼ିକରେ ରେକର୍ଡ ସୁନା କ୍ରୟ କରିଛନ୍ତି। ଭାରତ, ଚୀନ୍, ପୋଲାଣ୍ଡ ଏବଂ କାଜାଖସ୍ତାନ ସମେତ ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଯଥେଷ୍ଟ ପରିମାଣରେ ସୁନା କିଣିଛନ୍ତି। ଏହା ସତ୍ତ୍ୱେ, ଏ ପର୍ଯ୍ୟନ୍ତ ଯେତିକି ସୁନା ଉତ୍ତୋଳନ କରାଯାଇଛି ତାହାର ୧୭% ବର୍ତ୍ତମାନ ବିଭିନ୍ନ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ପାଖରେ ରହିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ବାକି ୮୩% ସୁନା ଅଛି।

ଏକ ଆକଳନ ଅନୁଯାୟୀ, ସାରା ବିଶ୍ୱରେ ୨୧୬,୨୬୫ ଟନ୍ ସୁନା ଉତ୍ତୋଳନ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିକଟରେ ୩୮,୬୬୬ ଟନ୍ ସୁନା ମହଜୁଦ ଅଛି। ଆମେରିକା ପାଖରେ ସର୍ବାଧିକ ୮,୧୩୪ ଟନ୍ ସୁନା ରହିଛି, ଯାହା ଏହାର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୮୪.୨%କୁ ପ୍ରତିନିଧିତ୍ୱ କରେ। ସେହିପରି, ଜର୍ମାନୀରେ ୩୩୫୦ ଟନ୍ ସୁନା, ଇଟାଲୀରେ ୨୪୩୭ ଟନ୍, ରୁଷରେ ୨୩୨୭ ଟନ୍ ଏବଂ ଚୀନରେ ୨୩୦୬ ଟନ୍ ଅଛି। ସ୍ୱିଜରଲ୍ୟାଣ୍ଡରେ ୧୦୪୦ ଟନ୍ ଏବଂ ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେ ପାଖରେ ୮୮୦ ଟନ୍ ସୁନା ମହଜୁଦ ଅଛି। ଏକ ରିପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୦ ରୁ ୨୦୨୫ ମଧ୍ୟରେ ଚୀନ୍ ସର୍ବାଧିକ ୩୫୭.୧ ଟନ୍ ସୁନା କିଣିଛି। ପୋଲାଣ୍ଡ ୩୧୪.୬ ଟନ୍ ସୁନା କିଣିଛି। ଭାରତ ଗତ ୫ ବର୍ଷ ମଧ୍ୟରେ ୨୪୫.୩ ଟନ୍ ସୁନା କିଣିଛି। ଏହାସହିତ, ବ୍ରାଜିଲ୍, ଆଜରବାଇଜାନ, ଜାପାନ, ଥାଇଲ୍ୟାଣ୍ଡ, ହଙ୍ଗେରୀ, ସିଙ୍ଗାପୁର, ଇରାକ, କାତାର, ଚେକ୍ ଗଣରାଜ୍ୟ, ରୁଷ ଏବଂ ୟୁଏଇ ଯଥେଷ୍ଟ ପରିମାଣର ସୁନା କିଣିଛନ୍ତି।

### ଡଲାର ତୁଳନାରେ ସର୍ବନିମ୍ନ ସ୍ତରକୁ ଖସିଲା ଟଙ୍କା

# ୧ ଡଲାର = ୯୪.୮୪ ଟଙ୍କା

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): କ୍ରମଗତ ଭାବେ ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା 'ଟଙ୍କା'। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏବେ ରେକର୍ଡ ସର୍ବନିମ୍ନ ସ୍ତରରେ ରହିଛି। ବୁଧବାର କାରବାରରେ ଟଙ୍କା ମୂଲ୍ୟରେ ୦.୩ ପ୍ରତିଶତ ହ୍ରାସ ପାଇ ୯୪.୮୪ ଟଙ୍କାରେ ବନ୍ଦ ହୋଇଛି। ଡଲାର ସୁଦୃଢ଼ ହେବା ଏବଂ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଘଟିଛି। ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟରେ ୩ ପ୍ରତିଶତ ବୃଦ୍ଧି ଘଟି ତାହା ବ୍ୟାରେଲ ପିଛା ୧୧୪ ଡଲାର ଅତିକ୍ରମ କରିଛି। ବିଦେଶୀ ନିବେଶକଙ୍କ ଦ୍ୱାରା ବିକ୍ରି ମଧ୍ୟ ଟଙ୍କା ଉପରେ ଚାପ ବୃଦ୍ଧି କରିଛି।

ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି ଯେ ମାସ ଶେଷରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହିବା ଏବଂ ଡଲାର ଚାହିଦାରେ ବୃଦ୍ଧି ନିବେଶକଙ୍କ ବିଶ୍ୱାସକୁ ପ୍ରଭାବିତ କରିଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୪.୭୯ ସ୍ତରରେ ଖୋଲିଥିଲା। ଫିଲିପାଇନ୍ସ ପେସୋ ଏବଂ ଇଣ୍ଡୋନେସିଆନ ରୂପିଆ ମଧ୍ୟ ଆଜି ଡଲାର ତୁଳନାରେ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ବରିଷ୍ଠ ବଜାର ବିଶ୍ଳେଷକ ଦିଲୀପ ପରମାର କହିଛନ୍ତି, ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ଆମେରିକୀୟ ଡଲାର ମୂଲ୍ୟ ବୃଦ୍ଧି ଘରୋଇ ମୁଦ୍ରା ଉପରେ ଚାପ ପକାଇବା ଯୋଗୁଁ ଭାରତୀୟ ଟଙ୍କା ରେକର୍ଡ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା। ଏହାବ୍ୟତୀତ, ଆମଦାନୀ ଚାହିଦା ଯୋଗାଣକୁ ଅତିକ୍ରମ କରିବାରୁ ଘରୋଇ ତରଳତା ସ୍ଥିତି କଡ଼ା ରହିଥିଲା ଏବଂ କେନ୍ଦ୍ରୀୟ ବ୍ୟାଙ୍କ ହସ୍ତକ୍ଷେପ କରିନଥିଲା। ଆମେ ଆଶା କରୁଛୁ ଯେ ଡଲାର-ଟଙ୍କା ବିନିମୟ ହାର ଏକ ସକାରାତ୍ମକ ପକ୍ଷପାତିତା ସହିତ ୯୪.୧୦ ଏବଂ ୯୫.୧୫ ଟଙ୍କା ମଧ୍ୟରେ ବାଣିଜ୍ୟ କରିବ। ମଙ୍ଗଳବାର ଦିନ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୫୩ ପଇସା ହ୍ରାସ ପାଇ ୯୪.୬୮ ଟଙ୍କାରେ ବନ୍ଦ ହୋଇଥିଲା। ଏହି ସମୟରେ, ବିଶ୍ୱର ୬ଟି ପ୍ରମୁଖ ମୁଦ୍ରା ତୁଳନାରେ ଡଲାରର ସ୍ଥିତି ମାପିବା ପାଇଁ ଡଲାର ସୂଚକାଙ୍କ ୦.୦୪ ପ୍ରତିଶତ ବୃଦ୍ଧି ପାଇ ୯୮.୬୭ ଟଙ୍କାରେ ପହଞ୍ଚିଛି। ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ, ମଙ୍ଗଳବାର ଦିନ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ବିକ୍ରେତା ଥିଲେ, ୨୧୦୩.୭୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ।



### ମେ'ରୁ ମହଙ୍ଗା ହେବ ଧୂମପାନ

# ସିଗାରେଟ୍ ମୂଲ୍ୟ ୨୦ ଟଙ୍କା ବଢ଼ିପାରେ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଆସନ୍ତାମାସଠାରୁ ଦେଶରେ ସିଗାରେଟ୍ ପିଇବା ମହଙ୍ଗା ହୋଇପାରେ। ମିଡିଆ ରିପୋର୍ଟ ଅନୁଯାୟୀ, ପ୍ରମୁଖ ସିଗାରେଟ୍ କମ୍ପାନୀ ଆଇଟିସିଏବଂ ଗଡଫ୍ରେ ଫିଲିପ୍ସ ମେ' ମାସରେ ୧୭% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିପାରନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ସୋମବାର କମ୍ପାନୀ ଶେୟାର ମୂଲ୍ୟରେ ୬.୫% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।

ରିପୋର୍ଟ ଅନୁଯାୟୀ, ସିଗାରେଟ ମୂଲ୍ୟ ବୃଦ୍ଧି ନେଇ ଖବର ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ମୂଲ୍ୟ ପରିବର୍ତ୍ତନ କେବଳ ପ୍ରିମିୟମ୍ ଉତ୍ପାଦ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। କମ୍ପାନୀଗୁଡ଼ିକ ଭାଲ୍ୟୁ-ଆଣ୍ଡ ବ୍ରାଣ୍ଡସ (ଶସ୍ତା ସିଗାରେଟ୍)ର ମୂଲ୍ୟ ମଧ୍ୟ ବୃଦ୍ଧି କରିପାରନ୍ତି। ଉଦାହରଣ ସ୍ୱରୂପ, ମେ'ରେ ଆଇଟିସିର ଗୋଲ୍ଡଫ୍ଲେକ୍ ପ୍ରିମିୟମର ଏକ ପ୍ୟାକେଟ୍ ମୂଲ୍ୟ ୧୧୫ ଟଙ୍କାରୁ ପ୍ରାୟ ୧୩୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ଏପ୍ରିଲ ୨୯ରେ ଆଇଟିସି ଶେୟାର ପ୍ରାୟ ୪% ବୃଦ୍ଧି ପାଇ ବନ୍ଦ ହୋଇଥିବାବେଳେ ଗଡଫ୍ରେ ଫିଲିପ୍ସର ଶେୟାର ୭% ବୃଦ୍ଧି ପାଇଥିଲା। ନିଫ୍ଟି ଏଫ୍‌ଏମ୍‌ସିଜି ସୂଚକାଙ୍କରେ ମଧ୍ୟ ୨% ବୃଦ୍ଧି ପାଇଥିଲା। ଜିଓଜିତ ଇନଭେଷ୍ଟମେଣ୍ଟର ଗବେଷଣା ମୁଖ୍ୟ ବିନୋଦ ନାୟାରଙ୍କ ଅନୁଯାୟୀ, ସିଗାରେଟ୍ କମ୍ପାନୀଗୁଡ଼ିକ ପାଖରେ ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଭଲ କ୍ଷମତା ରହିଛି। ଯାହା ସେମାନଙ୍କୁ ଟିକସ ବୃଦ୍ଧି ସତ୍ତ୍ୱେ ସେମାନଙ୍କର ଲାଭକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ଦୁଇ କମ୍ପାନୀ ସିଗାରେଟ ବ୍ୟବସାୟ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଚାଲିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ, ସଂସଦ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ୨୦୨୫ କୁ ଅନୁମୋଦନ କରିଥିଲା। ଫଳରେ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି ହୋଇଥିଲା। ଫେବୃଆରୀ ପହିଲାରୁ ଲାଗୁ ହୋଇଥିବା ଏହି ନିୟମ ଅନୁସାରେ ସିଗାରେଟର ଲମ୍ବ ଆଧାରରେ ପ୍ରତି ୧୦୦୦ ଷ୍ଟିକ୍ ପାଇଁ ୨୦୫୦ ଟଙ୍କାରୁ ୮,୫୦୦ ଟଙ୍କା ପର୍ଯ୍ୟନ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଛି। ଏଥିରେ ଆହୁରି ୪୦% ଜିଏସ୍‌ଟି ବି ରହିଛି। ଆଇସିଆଇସିଆଇ ସିକ୍ୟୁରିଟିଜର ବିଶ୍ଳେଷକମାନେ କହିଛନ୍ତି ଯେ ୭୫-୮୫ ମିମି ଲମ୍ବା ସିଗାରେଟର ମୋଟ ଖର୍ଚ୍ଚରେ ୨୨-୨୮% ବୃଦ୍ଧି ପାଇଛି। ଆଇଟିସିର ମୋଟ ବିକ୍ରିରେ ୭୫ ମିମିରୁ ଅଧିକ ଲମ୍ବା ସିଗାରେଟ୍ ଭାଗ ପ୍ରାୟ ୧୬% ରହିଥାଏ। ନୂଆ ଶୁଳ୍କ ବୃଦ୍ଧି ପରେ ଏହି ବର୍ଗର ଆସୁଥିବା ପ୍ରତି ସିଗାରେଟ ମୂଲ୍ୟରେ ୨ ରୁ ୩ ଟଙ୍କା ଅଧିକ ଖର୍ଚ୍ଚ ହୋଇପାରେ। ତେବେ ଏହି ମୂଲ୍ୟ ବୃଦ୍ଧି ପରେ ଏହାର ବିକ୍ରି ଉପରେ ସାମାନ୍ୟ ଚାପ ପଡ଼ିପାରେ। ହେଲେ କମ୍ପାନୀଗୁଡ଼ିକ ଦୀର୍ଘକାଳୀନ ଭାବରେ ଲାଭ ବଜାୟ ରଖିବେ।

# କାଗଜ ପ୍ୟାକେଟ୍‌ରେ ଆସିବ ଗୁଟ୍‌ଖା ଓ ପାନ ମସଲା

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଗୁଟ୍‌କା କିମ୍ବା ପାନ ମସଲା ଭଳି ତମାଖୁ ପ୍ରଡକ୍ଟ ଏବେ ଆଉ ପ୍ଲାଷ୍ଟିକ୍ ପାଉଚ୍‌ରେ ଦେଖିବାକୁ ମିଳିବନାହିଁ। ଏଗୁଡ଼ିକ ଏବେ କାଗଜ, ପେପରବୋର୍ଡ,ସେଲ୍ୟୁଲୋଜ ଓ ଅନ୍ୟ ଇକୋଫ୍ରେଣ୍ଡଲି ମେଟେରିଆଲ୍‌ରେ ପ୍ୟାକ୍ କରାଯିବ। ଏ ନେଇ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ନିୟମରେ ସଂଶୋଧନ କରିବାକୁ ଯାଉଛି। ମଙ୍ଗଳବାର ଏଫ୍‌ଏସଏସଆଇ 'ଖାଦ୍ୟ ସୁରକ୍ଷା ଏବଂ ମାନକ (ପ୍ୟାକେଜିଂ) ନିୟମାବଳୀ ୨୦୧୮ ସଂଶୋଧନ ପାଇଁ ଏକ ଚିଠା ବିଜ୍ଞପ୍ତି ଜାରି କରିଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୬ ଚିଠା ଉପରେ ଆଗାମୀ ୩୦ ଦିନ ପାଇଁ ଅଂଶୀଦାରମାନଙ୍କ ଖୋଲାଖୋଲି ମତାମତ ଏବଂ ଆପତ୍ତି ରଖିବାକୁ ଆହ୍ୱାନ କରାଯାଇଛି। ଆପତ୍ତି ଓ ପରାମର୍ଶ ଆସିବା ପରେ ଏହାପରେ ବିଚାର କରି ନିୟମଗୁଡ଼ିକୁ ଚୂଡ଼ାନ୍ତ କରାଯିବ।

ନୂତନ ପ୍ରସ୍ତାବ ଅନୁଯାୟୀ, ଗୁଟଖା, ପାନ ମସଲା ଏବଂ ତମାଖୁର କୌଣସି ପ୍ୟାକେଜିଂରେ କୌଣସି ପ୍ରକାରର ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରାଯିବନାହିଁ। ବିନାଇଲ୍ ଆସେଟେଟ୍-ମେଲିକ ଏସିଡ୍-ଭିନାଇଲ୍ କ୍ଲୋରାଇଡ୍ କୋପଲିମର ଭଳି ରାସାୟନିକ ପଦାର୍ଥ ଥିବା ସାମଗ୍ରୀ ମଧ୍ୟ ନିଷିଦ୍ଧ କରାଯିବ। ଏଫ୍‌ଏସ୍‌ଏସ୍‌ଏଆଇ ସୁପାରିଶ କରିଛି ଯେ ପାନ ମସାଲ ଓ ଗୁଟଖା ପ୍ୟାକେଜିଂରେ ପ୍ଲାଷ୍ଟିକ୍ ପାଉଚ୍ ବଦଳରେ କାଗଜ, କାର୍ଡବୋର୍ଡ ଏବଂ ସେଲୁଲୋଜ୍ ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରାଯିବା ଉଚିତ। ନିୟାମକ କହିଛନ୍ତି ଯେ ଏହି ସାମଗ୍ରୀଗୁଡ଼ିକ ଖାଦ୍ୟ ଏବଂ ପାନୀୟ ପ୍ୟାକେଜିଂ ପାଇଁ ସମ୍ପୂର୍ଣ୍ଣ ନିରାପଦ। ଏହା ବ୍ୟତୀତ, କମ୍ପାନୀଗୁଡ଼ିକ ପାଇଁ ଏହି ନୂଆ ସାମଗ୍ରୀ ଗ୍ରହଣ କରିବା ଏବଂ ବ୍ୟବହାର କରିବା ସହଜ ହେବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ଅନୁଯାୟୀ, ଯେଉଁ ନିର୍ମାତାମାନେ ପାଉଚ୍ ବଦଳରେ ଟିନ୍ କିମ୍ବା କାଚ ପାତ୍ର ବ୍ୟବହାର କରୁଛନ୍ତି ସେମାନେ ଏହା ଜାରି ରଖିପାରିବେ।ଏଥିରେ ନିର୍ମାତାମାନଙ୍କୁ ସେମାନଙ୍କର ବାଣିଜ୍ୟିକ ଆବଶ୍ୟକତା ପୂରଣ କରିବା ପାଇଁ କୋହଳ ପ୍ରଦାନ କରାଯିବ,ଯଦି ସେମାନେ ନିୟାମକ ଢାଞ୍ଚା ମଧ୍ୟରେ ରହିବେ, ତେବେ ଏହି କୋହଳ ମିଳିପାରିବ।




### ଏଫ୍‌ଏସ୍‌ଏସ୍‌ଏଆଇ ପ୍ୟାକେଜିଂ ନିୟମାବଳୀରେ ସଂଶୋଧନ

# ସ୍ମାର୍ଟ ବଜାରର 'ଫୁଲ୍ ପୈସା ଅସୁଲ' ଅଫର

ଭୁବନେଶ୍ୱର, ୨୯।୪ (ସମିସ): ଭାରତୀୟ ପରିବାରଗୁଡିକ ପାଇଁ ସ୍ମାର୍ଟ ବଜାର ପକ୍ଷରୁ 'ଫୁଲ୍ ପୈସା ଅସୁଲ' ଅଫର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଏପ୍ରିଲ ୨୯ରୁ ମେ' ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ଗ୍ରାହକମାନଙ୍କୁ ଷ୍ଟକ୍ କରିବା ଏବଂ ଅଧିକ ସଞ୍ଚୟ କରିବା ପାଇଁ ଉପଯୁକ୍ତ ସମୟ ପ୍ରଦାନ କରୁଛି। ୫ ଦିନ ଧରି ଚାଲିବାକୁ ଥିବା ସ୍ମାର୍ଟ ବଜାର 'ଫୁଲ୍ ପୈସା ଅସୁଲ' କାର୍ଯ୍ୟକ୍ରମରେ ଗ୍ରାହକମାନେ ଅଟା, ଚାଉଳ, ଡାଲି, ଖାଇବା ତେଲ ଏବଂ ଅନ୍ୟାନ୍ୟ ରୋଷେଇ ଘର ଏବଂ ଘରର ଆବଶ୍ୟକତା ପରି ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକ ଉପରେ ବୃହତ୍ ଡିଲ୍ ଉପଭୋଗ କରିପାରିବେ - ଯାହା ପ୍ରତି ମାସରେ କିଣାଯାଏ ଏବଂ ବଜେଟର ଏକ ବଡ଼ ଅଂଶ ନେଇଥାଏ। ସହଜରେ ବୁଝି ହେଉଥିବା ଏହି ଅଫରରେ ସ୍ୱଷ୍ଟ ମୂଲ୍ୟ ହ୍ରାସ ଏବଂ ମୂଲ୍ୟଯୁକ୍ତ କାରବାର ପାଇପାରିବେ। ତେଣୁ ଗ୍ରାହକମାନଙ୍କୁ ଜଟିଳ ରିଆତି ଖୋଜିବାରେ ସମୟ ନଷ୍ଟ କରିବାକୁ ପଡ଼ିବନାହିଁ। ସେମାନେ ଶୀଘ୍ର ଦେଖିପାରିବେ କ'ଣ ଶସ୍ତା ଏବଂ ସେମାନଙ୍କ ପାଇଁ କ'ଣ ଭଲ ତାହା ବାଛିପାରିବେ। ସ୍ମାର୍ଟ ବଜାରରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ସେମାନଙ୍କର ସମ୍ପୂର୍ଣ୍ଣ ମାସିକ କିଣାବିକା ଶେଷ କରି ନିଜେ ଅନୁଭବ କରିପାରିବେ ଯେ ସେମାନେ ସେମାନଙ୍କ ଟଙ୍କାର ସଠିକ୍ ମୂଲ୍ୟ ପାଉଛନ୍ତି। 'ଫୁଲ୍ ପୈସା ଅସୁଲ' ରେ ଫୋକସ୍ ହେଉଛି, ଯେତେବେଳେ ଜଣେ କିଣାବିକା କରନ୍ତି, ତାଙ୍କୁ ଏପରି ଅନୁଭବ କରିବା ଉଚିତ ଯେ ସେ ପ୍ରକୃତରେ ସଞ୍ଚୟ କରିଛନ୍ତି। ଏହି କ୍ୟାମ୍ପେନ୍‌ର ଫକ୍ତି ହେଉଛି, 'ସ୍ମାର୍ଟ ବଜାର କା ଏକ୍ ଓ୍ୱସୁଲ୍, ହମେଶ କରେଙ୍ଗେ ଫୁଲ୍ ପୈସା ଅସୁଲ୍'।




# ଏଥୋସ୍ ଗ୍ଲୋବାଲ ପକ୍ଷରୁ ଏନର୍ଜି ଡ୍ରିଙ୍କ ଫ୍ୟାନ୍‌ଟୋମ୍ ବଜାରରେ

ମୁମ୍ବଇ,୨୯।୪: ଓଡିଆ ଉଦ୍ୟୋଗୀ ଅଙ୍କିତ ଖଣ୍ଡେଲୱାଲଙ୍କ ଦ୍ୱାରା ପରିଚାଳିତ ଏକ ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ଏଥୋସ୍ ଗ୍ଲୋବାଲ ପକ୍ଷରୁ ଏହାର ନୂତନ ଏନର୍ଜି ଡ୍ରିଙ୍କ ଫ୍ୟାନ୍‌ଟୋମକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି, ଯାହାକୁ ଆଜିର ଦ୍ରୁତ ଗତିଶୀଳ ଯୁବପିଢିଙ୍କ ବେଗ, ମହତ୍ୱାକାଂକ୍ଷା ଓ ଜୀବନଶୈଳୀ ସହ ମେଳ ଖାଇବା ପାଇଁ ପ୍ରସ୍ତୁତ କରାଯାଇଛି। ବ୍ୟସ୍ତତା ଓ ସୃଜନଶୀଳତା ପାଇଁ ପ୍ରୟାସ କରୁଥିବା ବ୍ୟକ୍ତିଙ୍କ ପାଇଁ ଡିଜାଇନ କରାଯାଇଥିବା ଫ୍ୟାନ୍‌ଟୋମ ଏନର୍ଜି ବେଭ୍‌ରେଜ ସେଗମେଣ୍ଟ ରେ ଏକ ନୂଆ ପ୍ରତିଦ୍ୱନ୍ଦୀଭାବେ ବଜାରରେ ପ୍ରବେଶ କରିଛି। ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ମତବ୍ୟକ୍ତ କରି ଫ୍ୟାନ୍‌ଟୋମର ଗ୍ରୁପ ଅଧ୍ୟକ୍ଷ, ଅଙ୍କିତ ଖଣ୍ଡେଲୱାଲ ବ୍ରାଣ୍ଡର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, କମ୍ପାନୀ ଆଉ ଏକ ଏନର୍ଜି ଡ୍ରିଙ୍କ ତିଆରି କରିବାଠାରୁ ଆଗକୁ ବଢିଛି ବରଂ ଏହା ଏଭଳି ଏକ ଉତ୍ପାଦ ବିକଶିତ କରିଛି ଯାହା ଏକ ଜୀବନଶୈଳୀ ଓ ମାନସିକତାକୁ ପ୍ରତିଫଳନ କରୁଛି।

# ଏନ୍‌ଏସ୍‌ଇର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୩ କୋଟି ଟପିଲା

ମୁମ୍ବଇ,୨୯।୪: ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ରେ ଏପ୍ରିଲ ୨୭ ସୁଦ୍ଧା ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୩ କୋଟି (୧୩୦ ମିଲିୟନ) ଅତିକ୍ରମ କରିଛି। ଗତ ସେପ୍ଟେମ୍ବର ୨୦୨୫ରେ ଏହି ସଂଖ୍ୟା ୧୨ କୋଟି ଥିଲା। ସେହିପରି ଏପ୍ରିଲ ୨ ସୁଦ୍ଧା କ୍ଲାଏଣ୍ଟ କୋଡ୍‌ର ମୋଟ ସଂଖ୍ୟା ୨୫.୭ କୋଟି ରହିଛି ଯାହା ଗତ ଫେବୃଆରୀରେ ୨୫ କୋଟି ଅତିକ୍ରମ କରିଥିଲା। ନିଫ୍ଟି୫୦ ଓ ନିଫ୍ଟି୫୦୦ ଗତ ୫ ବର୍ଷ ମଧ୍ୟରେ ଯଥାକ୍ରମେ ୧୦.୮% ଓ ୧୩.୩%ରବାର୍ଷିକ ରିଟର୍ଣ୍ଣ ପ୍ରଦାନ କରିଛନ୍ତି। ବେଞ୍ଚମାର୍କ ସୂଚକାଙ୍କଗୁଡିକ ଏଭଳି ସ୍ଥିର ରିଟର୍ଣ୍ଣ ପ୍ରଦାନ କରୁଥିବାରୁ ନିବେଶକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନିବେଶକଙ୍କ ଆଧାର ଅଧିକ ଯୁବ ଓ ବିବିଧ ହୋଇଛି। ନିବେଶକଙ୍କ ମଧ୍ୟମ ବୟସ ୩୩ ବର୍ଷକୁ ହ୍ରାସ ପାଇଛି ଏବଂ ପ୍ରାୟ ୪୦% ନିବେଶକଙ୍କ ବୟସ ୩୦ରୁ କମ୍ ରହିଛି। ସେହିପରି ମହିଳା ନିବେଶକଙ୍କ ସଂଖ୍ୟା ମୋଟ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଅଟେ। ନିବେଶକଙ୍କ ଅଂଶଗ୍ରହଣ ଭାରତର ୯୯.୮୫% ପିନକୋଡରେ ଭୌଗୋଳିକ ରୂପେ ବିସ୍ତାର ହୋଇଥିବାବେଳେ କ୍ଷୁଦ୍ର ରାଜ୍ୟ ଓ ଟାୟାର ୨-୪ ସହରଗୁଡିକରେ ମଜବୁତ ଅଭିବୃଦ୍ଧି ଘଟିଛି।




### ୪୦% ନିବେଶକଙ୍କ ବୟସ ୩୦ରୁ କମ୍

# ଏନ୍‌ପିସିଆଇର ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ

ନୂଆଦିଲ୍ଲୀ,୨୯।୪: ଡିଜିଟାଲ୍ ପେମେଣ୍ଟଗୁଡ଼ିକ ଭାରତର ଲକ୍ଷାଧିକ ଉପଭୋକ୍ତାଙ୍କ ପାଇଁ ପ୍ରତିଦିନର ଲେନଦେନକୁ ଅଧିକ ଦ୍ରୁତ, ସହଜ ଏବଂ ସୁଲଭ କରିଦେଇଛି। ଏହି ସୁବିଧା ବଢୁଥିବା ସହିତ ଉପଭୋକ୍ତାମାନେ ସଚେତନ ଏବଂ ସୂଚିତ ରହିବା ଆବଶ୍ୟକ। ସୁରକ୍ଷିତ ପେମେଣ୍ଟ ପ୍ରଥାଗୁଡ଼ିକ ପାଳନ କରିବା ସହଜ ଏବଂ ସୁରକ୍ଷିତ ଡିଜିଟାଲ୍ ଅନୁଭବ ନିଶ୍ଚିତ କରିବାରେ ବହୁତ ଉପକାରୀ। ପେମେଣ୍ଟ କରିବା ପୂର୍ବରୁ ସବୁବେଳେ ଯାଞ୍ଚ କରନ୍ତୁ: କୌଣସି ପେମେଣ୍ଟ କରିବା ପୂର୍ବରୁ, ସ୍କ୍ରିନ୍‌ରେ ଦେଖାଯାଉଥିବା ନାମଟି ଯାଞ୍ଚ କରନ୍ତୁ। ଯେଉଁ ବ୍ୟକ୍ତି କିମ୍ବା ବ୍ୟବସାୟକୁ ଆପଣ ପେମେଣ୍ଟ କରିବାକୁ ଚାହୁଁଛନ୍ତି, ସେହିଠିକ ନା ନିଶ୍ଚିତ କରନ୍ତୁ। କେବଳ କିଛି ସେକେଣ୍ଡ ନିଶ୍ଚିତ କରିବା ଭୁଲକୁ ରୋକିପାରେ। କେବଳ ଆଧିକାରିକ ଏବଂ ପରିଚିତ ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ପେମେଣ୍ଟ କରନ୍ତୁ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପଠାଯାଇଥିବା ଲିଙ୍କ କିମ୍ବା ଆପ୍ କେବେ ଡାଉନଲୋଡ୍ କରନ୍ତୁ ନାହିଁ। ଆପଣଙ୍କ ଟଚଓ ଚଓଘ, ଙଞଚ କିମ୍ବା ବ୍ୟାଙ୍କ ସୂଚନା ବ୍ୟକ୍ତିଗତ ଏବଂ ଗୋପନୀୟ। ବ୍ୟାଙ୍କ, ପୋଲିସ କିମ୍ବା ସରକାରୀ କାର୍ଯ୍ୟାଳୟରୁ ଆସିଛୁ ବୋଲି କହିଲେ ମଧ୍ୟ କାହା ସହିତ ଏହା ସେୟାର କରନ୍ତୁ ନାହିଁ। ଯଦି କେହି ଆପଣଙ୍କୁ ତୁରନ୍ତ ପେମେଣ୍ଟ କରିବା କିମ୍ବା ତ୍ୱରିତ ତଥ୍ୟ ଦେବାକୁ କହେ, ତେବେ ଥୋଡ଼ା ସମୟ ନିଅନ୍ତୁ।

# ଚୀନ୍ କାର ପ୍ରେମରେ ୟୁରୋପ; ବିକ୍ରିରେ ୩୦୦% ବୃଦ୍ଧି

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଚୀନ୍ କାର କମ୍ପାନୀଗୁଡ଼ିକର ଚାହିଦାରେ ସମ୍ପ୍ରତି ୟୁରୋପରେ ବଢ଼ିବାରେ ଲାଗିଛି। ମାର୍ଚ୍ଚ ମାସରେ ୟୁରୋପରେ ଚୀନ୍ ପ୍ଲଗ୍-ଇନ୍ ହାଇବ୍ରିଡ୍ ଯାନଗୁଡ଼ିକର ବିକ୍ରି ଗତ ବର୍ଷ ତୁଳନାରେ ୩୦୦% ବୃଦ୍ଧି ପାଇଛି, ଯାହା ମୋଟ ହାଇବ୍ରିଡ୍ ବଜାରର ୨୦%। ପୂର୍ବରୁ, ୨୦୨୪ ଆରମ୍ଭରେ ଚୀନ୍ ଅଟୋ କମ୍ପାନୀଗୁଡ଼ିକ ଇୟୁ ହାଇବ୍ରିଡ୍ କାର ବଜାରର କେବଳ ୨% ଅଧିକାର କରିଥିଲେ। ଏହା ୟୁରୋପରେ ଚୀନ୍ ଅଟୋ ବିକ୍ରି ବୃଦ୍ଧିର ପରିମାଣକୁ ଦର୍ଶାଉଛି। ଗତ ବର୍ଷ ତୁଳନାରେ ମାର୍ଚ୍ଚ ମାସରେ ୟୁରୋପରେ ଚୀନ୍ କମ୍ପାନୀଗୁଡ଼ିକ ଦ୍ୱାରା ମୋଟ କାର୍ ବିକ୍ରି ପ୍ରାୟ ୧୦୦% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ, ଚୀନ୍ କମ୍ପାନୀଗୁଡ଼ିକ ୟୁରୋପରେ ୧୪୦,୦୯୪ ଯାନ ବିକ୍ରି କରିଛନ୍ତି। ଏହା ସହିତ, ସମଗ୍ର ୟୁରୋପୀୟ କାର ବଜାରରେ ଚୀନ୍ କମ୍ପାନୀଗୁଡ଼ିକର ବଜାର ଅଂଶ ରେକର୍ଡ ୯.୪%ରେ ପହଞ୍ଚିଛି। ଗତ ଦୁଇ ବର୍ଷ ମଧ୍ୟରେ ଏହି ସଂଖ୍ୟା ତିନିଗୁଣ ବୃଦ୍ଧି ପାଇଛି।

ଚୀନ୍ କମ୍ପାନୀଗୁଡ଼ିକ ୟୁରୋପୀୟ ବଜାରରେ ସବୁଠାରୁ ଶସ୍ତା କାର ବିକ୍ରି କରୁଛନ୍ତି। ପ୍ରଯୁକ୍ତିବିଦ୍ୟା ଏବଂ ବୈଶିଷ୍ଟ୍ୟ ଦୃଷ୍ଟିରୁ ସେମାନେ ୟୁରୋପୀୟ ବ୍ରାଣ୍ଡ ସହିତ ତୁଳନୀୟ। ଏହାଛଡା ଚାଇନା କାରର ମୂଲ୍ୟ ୟୁରୋପୀୟ ବ୍ରାଣ୍ଡ ତୁଳନାରେ ବହୁତ କମ୍। ଏହି କାରଣରୁ ୟୁରୋପୀୟମାନେ ଚୀନ୍ କାରଗୁଡ଼ିକୁ ସହଜରେ ଗ୍ରହଣ କରୁଛନ୍ତି। ୟୁରୋପୀୟ କମ୍ପାନୀଗୁଡ଼ିକ ସେମାନଙ୍କର ଇଭି ରଣନୀତିରେ ବହୁତ ସମୟ ନଷ୍ଟ କରିଥିଲେ, କିନ୍ତୁ ବିୱାଇଡି ପରି ଚୀନ୍ କମ୍ପାନୀଗୁଡ଼ିକ ଅଧା ମୂଲ୍ୟରେ କାର ବଜାରକୁ ଛାଡି ୟୁରୋପୀୟ ବଜାରକୁ କବଜା କରିଥିଲେ। ଚୀନ୍ ଯାନବାହାନ ଉତ୍ପାଦନରେ ଆଗରେ ଅଛି, ବାର୍ଷିକ ୨୪.୩ ନିୟୁତ ଗାଡ଼ି ଉତ୍ପାଦନ କରୁଛି। ଏହାପଛକୁ ଆମେରିକା, ଜାପାନ, ଭାରତ, ଜର୍ମାନୀ, ମେକ୍ସିକୋ, ଦକ୍ଷିଣ କୋରିଆ, ବ୍ରାଜିଲ୍, ସ୍ପେନ୍, ଚେକ୍ ଗଣରାଜ୍ୟ, ଥାଇଲ୍ୟାଣ୍ଡ ଏବଂ ଫ୍ରାନ୍ସ ରହିଛନ୍ତି।



